

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୪ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 24 August 2024

Vol.No. 35 ■ No.227 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କିଭ୍‌ରୁ ମୋଦୀଙ୍କ ଶାନ୍ତି ବାର୍ତ୍ତା

## ଯୁଦ୍ଧ ନୁହେଁ ସମାଧାନର ବାଟ, କୂଟନୀତି କଥାବାର୍ତ୍ତାକୁ ଗୁରୁତ୍ୱ

ନୂଆଦିଲ୍ଲୀ, ୨୩/୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ ମଧ୍ୟରେ ଆଲୋଚନା ପରେ ଶୁକ୍ରବାର ଭାରତ ଓ ୟୁକ୍ରେନ ମଧ୍ୟରେ ୪ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣା ଦ୍ୱାରା କୃଷି, ଖାଦ୍ୟ ଶିଳ୍ପ, ଔଷଧ, ସଂସ୍କୃତି ଏବଂ ମାନବିକ ସହାୟତା କ୍ଷେତ୍ରରେ ସହଯୋଗ ସୁନିଶ୍ଚିତ ହେବ ବୋଲି ଅଧିକାରୀମାନେ କହିଛନ୍ତି । ଏହି ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, "ଆମେ ବୁଦ୍ଧ ଏବଂ ଗାନ୍ଧୀଙ୍କ ଭୂମିରୁ ଆସିଛୁ । ପ୍ରଥମ ଦିନରୁ ଆମ ପକ୍ଷ ହେଉଛି ଶାନ୍ତି । ମୁଁ ଏଠାକୁ ଶାନ୍ତିର ବାର୍ତ୍ତା ନେଇ ଆସିଛି । ଶେଷ ଥର ପାଇଁ ଯେତେବେଳେ ମୁଁ ରୁଷିଆ ରାଷ୍ଟ୍ରପତି



ଭ୍ଲାଦିମିର ପୁଟିନଙ୍କୁ ଭେଟିଥିଲି, ମୁଁ କହିଥିଲି ଯେ ଏହା ଯୁଦ୍ଧର ସମୟ ନୁହେଁ । ଯୁଦ୍ଧ ଦ୍ୱାରା କିଛି ହୋଇନଥାଏ ।" ୟୁକ୍ରେନ-ରୁଷ୍ ମଧ୍ୟରେ ଏବେ ଯୁଦ୍ଧ ଚାଲିଛି, ଏଭଳି ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ଉପରେ ସାରା ବିଶ୍ୱର ନଜର ରହିଛି । ବୈଠକ ପରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଯୁଦ୍ଧ ଦ୍ୱାରା କିଛି ହୋଇନଥାଏ । ଶାନ୍ତି ପାଇଁ ସବୁ ପ୍ରକାର ଉଦ୍ୟମରେ ଭାରତ ସକ୍ରିୟ ଭୂମିକା ଗ୍ରହଣ କରିବ । ମୋଦୀ କହିଛନ୍ତି, ଭାରତ ଓ ୟୁକ୍ରେନର ସମ୍ପର୍କ ପାଇଁ ଆଜି ଏକ ଐତିହାସିକ ଦିନ । ପ୍ରଥମ ଥର ପାଇଁ ଭାରତର କୌଣସି ପ୍ରଧାନମନ୍ତ୍ରୀ ୟୁକ୍ରେନ୍ ଆସିଛନ୍ତି, ଯାହା କି ନିଜେ ଏକ ଐତିହାସିକ ଘଟଣା । ଆସନ୍ତାକାଲି (୨୪ ଅଗଷ୍ଟ ୨୦୨୪) ଆପଣଙ୍କର ଜାତୀୟ ଦିବସ ଏବଂ ଏଥିପାଇଁ ଆମେ ଆପଣଙ୍କୁ ଅଭିନନ୍ଦନ ଜଣାଉଛୁ । ଆମେ ୟୁକ୍ରେନରେ ଶାନ୍ତି, ସୁଖ ଏବଂ ସମୃଦ୍ଧି ପାଇଁ ପ୍ରାର୍ଥନା କରୁଛୁ ।

# ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଜେଡିର ହଙ୍ଗାମା: ବାଚସ୍ପତିଙ୍କ ମାଇକ୍ ଭାଙ୍ଗିବାକୁ କଲେ ଚେଷ୍ଟା




ଭୁବନେଶ୍ୱର, ୨୩/୮ (ନି.ପ୍ର): ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆଜି ବିଧାନସଭାରେ ପ୍ରବଳ ହଙ୍ଗାମା ଦେଖିବାକୁ ମିଳିଛି । ବାଚସ୍ପତି ସୁରମା ପାଢୀଙ୍କ ଆଗରେ ବିଜେଡି ବିଧାୟକ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଛନ୍ତି । ଜଣେ ମହିଳା ବାଚସ୍ପତିଙ୍କ ପୋଡିୟମ୍ ଦଖଲ କରିବାକୁ ବିଜେଡି ବିଧାୟକ ଆଜି ଉଦ୍ୟମ କରିଥିବା ଦେଖିବାକୁ ମିଳିଛି । ବିଧାନସଭା ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନରୁ ହଟଗୋଳ କରିଆସୁଥିଲା ବିଜେଡି । ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଆଜି ମଧ ଗୃହରେ ତୁମୁଳକାଣ୍ଡ ଓ ଅରାଜକତା ଘଟାଇଥିବା ଦେଖିବାକୁ ମିଳିଥିଲା । ବିଧାନସଭାରେ ଆଜି ଅରାଜକତାର ସବୁ ସୀମା ଟପିଲା ବିଜେଡି । ଗୃହର ମର୍ଯ୍ୟାଦାକୁ ଦଳି ମକଚି ଆଜି ଚରମ ବିଶୃଙ୍ଖଳିତ ଆଚରଣ କରିଛନ୍ତି ବିରୋଧୀ ▶▶ପୃଷ୍ଠା ୭

# ରତ୍ନଭଣ୍ଡାରରୁ ସ୍ଥାନାନ୍ତରିତ ହେଲା ଖାଲି ସିନ୍ଦୁକ ଓ ଆଲମିରା

ପୁରୀ, ୨୩/୮ (ନି.ପ୍ର): ସରିଲା ଶ୍ରୀମନ୍ଦିର ରତ୍ନଭଣ୍ଡାର ଭିତରୁ ଖାଲି ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତରଣ ପ୍ରକ୍ରିୟା । ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି । ସେ କହିଛନ୍ତି, ରତ୍ନଭଣ୍ଡାର ଭିତରେ ଥିବା ଏକ ଲୁହା ସିନ୍ଦୁକ ବାହାର କରିବା ସମ୍ଭବ ନହେବାରୁ କବାଟ କଟାଯାଇଥିଲା । ବାହାର ରତ୍ନଭଣ୍ଡାର କାଠ କବାଟ କଟାଯାଇ ଉକ୍ତ ▶▶ପୃଷ୍ଠା ୭



# କୁବେର ଢେଙ୍କାନାଳ ସଦର ରେଞ୍ଜରଙ୍କୁ ବାନ୍ଧିଲା ଭିଜିଲାନ୍ସ

ଢେଙ୍କାନାଳ, ୨୩/୮ (ନି.ପ୍ର): କୁବେର ଢେଙ୍କାନାଳ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ରଙ୍କୁ ବାନ୍ଧିଲା ପୁଲିସ । ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି । ବିଡିଓ ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ପକ୍ଷରୁ କୁହାଯାଇଛି । ଗତକାଲି ରେଞ୍ଜରଙ୍କ ପୈତୃକ ଘର ସମେତ ୮ଟି ସ୍ଥାନରେ ଚଢ଼ାଉ କରିଥିଲା ଭିଜିଲାନ୍ସ । ଚଢ଼ାଉ ବେଳେ ରେଞ୍ଜରଙ୍କ ଭୁବନେଶ୍ୱରରେ ଗୋଟିଏ, ହାଇଦ୍ରାବାଦରେ ୨ଟି କୋଠା, ଭୁବନେଶ୍ୱର ଓ ଢେଙ୍କାନାଳରେ ରେଞ୍ଜରଙ୍କ ୮ଟି ପ୍ଲଟ୍ ଠାବ କରାଯାଇଥିଲା । ସେହିପରି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଜମା, ନଗଦ ୫.୧୫ ଲକ୍ଷ ଟଙ୍କା ଓ ୫୫୭ ଗ୍ରାମର ସୁନା ଅଳଙ୍କାର ମଧ ଜବତ କରିଥିଲା ଭିଜିଲାନ୍ସ । ଏଥିସହ ରେଞ୍ଜରଙ୍କର ଆଠଗଡ଼ରେ ୨ କୋଟି ଟଙ୍କା ମୂଲ୍ୟର ଫାର୍ମ ହାଉସ ଠାବ କରିଥିଲା ▶▶ପୃଷ୍ଠା ୭

# ଆଇପିଏସ୍ କୁଟେ ଓ ଆଶୀଷ ସିଂଙ୍କ ବିରୁଦ୍ଧରେ ସଙ୍ଗୀନ ଅଭିଯୋଗ: ଚାର୍ଜସିଟ୍ ଜାରି, ଖସିବା ହେବନି ସହଜ

ଭୁବନେଶ୍ୱର, ୨୩/୮ (ନି.ପ୍ର): ବିଜେଡି ସରକାରରେ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ଖାସ୍ ସହଯୋଗୀ ଆଇପିଏସ୍ ଡିଏସ୍ କୁଟେ ଓ ଆଶୀଷ ସିଂଙ୍କ ଅଡୁଆ ବଢ଼ିଛି । ଉଭୟ ଅଫିସରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ସହ ସେମାନଙ୍କୁ ଚାର୍ଜସିଟ୍ ଜାରି କରିଛନ୍ତି । ତେବେ ଆଇପିଏସ୍ ଶ୍ରୀ କୁଟେଙ୍କ ବିରୁଦ୍ଧରେ ୨ଜଣ ଆଇଏଏସ୍ ଅଫିସର ଲିଖିତ ଭାବେ ଦେଇଥିବା ସଙ୍ଗୀନ ଅଭିଯୋଗ ଆଧାରରେ ତାଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଜାରି ହୋଇଛି ଓ ୩୦ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରୀ କୁଟେଙ୍କ ବିରୁଦ୍ଧରେ ଅଭିଯୋଗ ପ୍ରମାଣିତ ହେଲେ, ତାଙ୍କୁ ଚାକିରିରୁ ବରଖାସ୍ତ ହେବାକୁ



ପଡ଼ିପାରେ ଅବା ତାଙ୍କୁ ପଦୋବନତି ଭଳି କାର୍ଯ୍ୟାନୁଷ୍ଠାନ ଭୋଗିବାକୁ ପଡ଼ିବ ବୋଲି ଜଣାପଡ଼ିଛି । ସେହିପରି ଆଇପିଏସ୍ ଆଶୀଷ ସିଂଙ୍କ ବିରୁଦ୍ଧରେ ବି ଅଗଷ୍ଟ ୬ତାରିଖରେ ଚାର୍ଜସିଟ୍ ଜାରି ହୋଇଛି । ରାଜ୍ୟ ଗୃହ ବିଭାଗର ତଥ୍ୟ ଅନୁସାରେ, ବିଜେଡି ସରକାରରେ ସବୁଠୁ ପାୱାରଫୁଲ ଅଫିସର ୧୯୯୭ ବ୍ୟାଚ୍ ଆଇପିଏସ୍ ଶ୍ରୀ କୁଟେଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଅଗଷ୍ଟ ୨୧ତାରିଖରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ତାଙ୍କୁ ବିରୁଦ୍ଧରେ ରହିଥିବା ସଙ୍ଗୀନ ଅଭିଯୋଗକୁ ଆଧାର କରି ଚାର୍ଜସିଟ୍ ଜାରି କରିଛନ୍ତି । ୩୦ଦିନ ମଧ୍ୟରେ ତାଙ୍କୁ ଜବାବ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସାଧାରଣ ନିର୍ବାଚନ ପରିଚାଳନାରେ ହସ୍ତକ୍ଷେପର ସଙ୍ଗୀନ ଅଭିଯୋଗ ତାଙ୍କ ବିରୁଦ୍ଧରେ ରହିଛି । ଆଇପିଏସ୍ ଶ୍ରୀ କୁଟେଙ୍କୁ ▶▶ପୃଷ୍ଠା ୭

# 'ସୁଭଦ୍ରା' ଗାଇଡଲାଇନକୁ କ୍ୟାବିନେଟ୍ ମଞ୍ଜୁରୀ: ବର୍ଷକୁ ମହିଳାଙ୍କୁ ମିଳିବ ୧୦ହଜାର ଟଙ୍କା, ୫ବର୍ଷ ଚାଲିବ ଯୋଜନା

ଭୁବନେଶ୍ୱର, ୨୩/୮ (ନି.ପ୍ର): ରାଜ୍ୟର ମହିଳାମାନଙ୍କୁ ବର୍ଷକୁ ୧୦ହଜାର ଟଙ୍କା ଲେଖାଏଁ ହାତଖର୍ଚ୍ଚ ରାଜ୍ୟ ସରକାର ଯୋଗାଇଦେବେ । ପ୍ରତିବର୍ଷ ରାକ୍ଷୀ ପୂର୍ଣ୍ଣିମା ଓ ମହିଳା ଦିବସରେ ୨ଟି କିସ୍ତିରେ ଏହି ଟଙ୍କା ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ । ସେମାନେ ନିଜ ଇଚ୍ଛାରେ ଏହି ଟଙ୍କା ଖର୍ଚ୍ଚ କରିପାରିବେ । ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା, ସରକାରୀ ଚାକିରି




କରୁଥିବା ମହିଳା ଓ ଆୟକର ପ୍ରଦାନ କରୁଥିବା ମହିଳାମାନଙ୍କୁ ବାଦ୍ ଦେଇ ରାଜ୍ୟର ୨୧ବର୍ଷରୁ ଅଧିକ ଓ ୬୦ବର୍ଷରୁ କମ୍ ସମସ୍ତ ଯୋଗ୍ୟ ମହିଳାମାନେ ଏହି ଟଙ୍କା ପାଇପାରିବେ । ପ୍ରାୟ ଏକ କୋଟିରୁ ଅଧିକ ମହିଳା ବର୍ଷକୁ ଏହି ୧୦ହଜାର ଟଙ୍କା ଲେଖାଏଁ ହାତଖର୍ଚ୍ଚ ଚଳିତ ଆର୍ଥିକ ବର୍ଷରୁ ପାଇବେ । ରାଜ୍ୟରେ କ୍ଷମତାସୀନ ବିଜେପି ସରକାରର ମହତ୍ୱାକାଂକ୍ଷୀ ଯୋଜନା 'ସୁଭଦ୍ରା'ର ଗାଇଡଲାଇନକୁ ରାଜ୍ୟ କ୍ୟାବିନେଟର ମଞ୍ଜୁରୀ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ଏହି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି 'ସୁଭଦ୍ରା' ଯୋଜନା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଅଗଷ୍ଟ ୨୨ତାରିଖରେ ରାଜ୍ୟ କ୍ୟାବିନେଟ୍ ବୈଠକରେ 'ସୁଭଦ୍ରା' ଯୋଜନାକୁ ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବା ନେଇ ନିଷ୍ପତ୍ତି ହୋଇଛି । ▶▶ପୃଷ୍ଠା ୭

# ମାଟ୍ରିକ ସପ୍ଲିମେଣ୍ଟାରୀ ରେଜଲ୍ଟ ପ୍ରକାଶ

କଟକ, ୨୩/୮ (ନି.ପ୍ର): ମାଟ୍ରିକ ସପ୍ଲିମେଣ୍ଟାରୀ ରେଜଲ୍ଟ-୨୦୨୪ ଆଜି ପ୍ରକାଶ ପାଇଛି । ଏଥର ମୋଟ ୭୯୬ ଜଣ ପିଲା ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୪୪୧ ଜଣ ପାସ୍ କରିଛନ୍ତି । ଅର୍ଥାତ୍ ପାସ୍ ହାର ୫୫.୪% ରହିଛି । ସେହିପରି ଆଜି ଷ୍ଟେଟ ଓପନ୍ ସ୍କୁଲ ସାର୍ଟିଫିକେଟ ପରୀକ୍ଷା (ଏସ୍ଓଏସ୍ସି) ରେଜଲ୍ଟ ମଧ ପ୍ରକାଶ ପାଇଛି । ଏଥିରେ ସମସ୍ତ ୫ଟି ବିଷୟରେ ୧୬ ହଜାର ୯୦୮ ଜଣ ପରୀକ୍ଷା ଦେଇଥିବା ବେଳେ ୯୪୩୫ ଜଣ ପାସ୍ କରିଛନ୍ତି । ଅର୍ଥାତ୍ ପାସ୍ ହାର ୫୫.୮୭% ରହିଛି । ଯେଉଁ ପରୀକ୍ଷାର୍ଥୀମାନେ ସେମାନଙ୍କ ରେଜଲ୍ଟ ନେଇ ସନ୍ତୁଷ୍ଟ ହେବେ ନାହିଁ, ସେମାନେ ଖାତା ଚେକିଂ ପାଇଁ ଅଗଷ୍ଟ ୨୭ ତାରିଖରୁ ସେପ୍ଟେମ୍ବର ୫ ତାରିଖ ମଧ୍ୟରେ ଅଫ୍‌ଲାଇନ୍‌ରେ ଆବେଦନ କରିପାରିବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ପକ୍ଷରୁ କୁହାଯାଇଛି ।

# ୱାକଫ୍ ବିଲ ବିବାଦ: ଆପତ୍ତି ଉଠାଇଲା ବିଜେପିର ସହଯୋଗୀ ଜେଡିୟୁ

ନୂଆଦିଲ୍ଲୀ, ୨୩/୮ : ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ ଆଜି କେନ୍ଦ୍ର ସରକାର ଆଣିଥିବା ୱାକଫ ସଂଶୋଧିତ ବିଲ ବିରୋଧରେ ମତ ରଖିଛି । ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରରେ ଜେଡିୟୁ ସହଯୋଗୀ ଦଳ ଭାବେ କାର୍ଯ୍ୟ କରୁଛି । ତଥାପି କେନ୍ଦ୍ର ଆଣିଥିବା ବିଲ ବିରୋଧରେ ବିଜେପିର ତୃତୀୟ ସହଯୋଗୀ ଦଳ ଭାବେ ଜେଡିୟୁ ସ୍ୱର ଉଠାଇଛି । ଏହାପୂର୍ବରୁ ବିଜେପି ସହ ମିଶି ସରକାର ଗଠନ କରିଥିବା ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି (ରାମ ବିଲାଶ) ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ମଧ ୱାକଫ ବିଲ୍‌କୁ ବିରୋଧ



କରିଥିଲା । ବିହାର ମୁଖ୍ୟମନ୍ତ୍ରୀଙ୍କ ଦଳ ଜେଡିୟୁର ଚାହୁଁଛି ଯେ ମୁସଲିମମାନଙ୍କ ସ୍ୱାର୍ଥକୁ ଅଧିକ ସୁରକ୍ଷିତ କରିବା ପାଇଁ ପ୍ରସ୍ତାବିତ ଆଇନରେ ପରିବର୍ତ୍ତନ ହେଉ । ଆସନ୍ତାବର୍ଷ ବିହାରରେ ବିଧାନସଭା ନିର୍ବାଚନ ହେବ । ରାଜ୍ୟରେ ମସଲିମ ଜନସଂଖ୍ୟା ହେଉଛି ୧୮% । ତେଣୁ ପ୍ରାରମ୍ଭିକ ସମର୍ଥନ ପରେ ଏବେ ଜେଡିୟୁ ବିଲ୍‌କୁ ନାଲି ପତାକା ଦେଖାଇଥିବା କୁହାଯାଉଛି । ଜେଡିୟୁ ସାଂସଦ ରାଜୀବ ରଞ୍ଜନ ଲୋକସଭାରେ ବିଲ୍ ଉପରେ ବିତର୍କ ବେଳେ ଏହାକୁ ସମର୍ଥନ କରିଥିଲେ । ସ୍ୱଚ୍ଛତା ପାଇଁ ୱାକଫ ସଂଶୋଧନ ବିଲ ନିହାତି ଆବଶ୍ୟକ ମତ ରଖିଥିଲେ । ତେବେ ରାଜୀବନଙ୍କ ଏପରି ମତ ସହ ଜେଡିୟୁ ସିଧାସଳଖ ▶▶ପୃଷ୍ଠା ୭

# ନେପାଳରେ ନଦୀକୁ ଖସିପଡ଼ିଲା ବସ୍: ୧୪ ଜଣ ମୃତ



ତାନାହୁନ୍, ୨୩/୮ : ନେପାଳର ତାନାହୁନ ଜିଲ୍ଲାରେ ଏକ ବଡ଼ ଧରଣର ବସ୍ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୧୪ ଜଣଙ୍କ ମୃତ୍ୟୁ ଘଟିଛି । ମୃତ୍ୟୁସଂଖ୍ୟା ଆହୁରି ବଢିପାରେ ବୋଲି ଆଶଙ୍କା କରାଯାଉଛି । ଗତ ଜୁଲାଇ ମାସରେ ବି ଏହିପରି ଏକ ବଡ଼ ଧରଣର ବସ ଦୁର୍ଘଟଣା ଘଟିଥିଲା । ଯାତ୍ରୀବାହୀ ବସ୍‌ଟି ଯାଉଥିବା ବେଳେ ବାଟରେ ଏକ ନଦୀକୁ ଖସି ପଡ଼ିଥିଲା । ବସଟି ପୋଖରାରୁ ବାହାରି କାଠମାଣ୍ଡୁ ଆଡ଼େ ଯାଉଥିଲା । ବସଟି ନଦୀକୁ ଖସି ପଡ଼ିଛି ବୋଲି ଖବର ମିଳିବା ମାତ୍ରକେ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ▶▶ପୃଷ୍ଠା ୭


ସାଗରିକା

ଧ୍ୱନି ପ୍ରତିଧ୍ୱନି

୩୫ଶ

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୪

ଅବଗଣନା

୦୧ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ ।

୨୫ ଅଗଷ୍ଟ, ୨୦୨୪, ରବିବାର ପୂର୍ବାହ୍ନ @ ୯.୩୦ ଘଟିକା
ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର

# ବାଲିଆପାଳରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ଓ ଟ୍ରେନରେ ବରଷ୍ଠ ନାଗରିକ ପାଇଁ ଭଡାର ରିହାତି ପୁନଃ ପ୍ରଚଳନ ପାଇଁ ଦୃଢ଼ ଦାବି




ବାଲିଆପାଳ ,୨୩/୦୮ (ନି.ପ୍ର): ବାଲିଆପାଳ ବରଷ୍ଠ ନାଗରିକ ପରିଷଦର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିଷଦର ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ସାହୁ ପୌରାହିତ୍ୟ କରିଥିଲେ । ବାଲିଆପାଳ ଅଞ୍ଚଳ ଧାନ ପନିପରିବାର ଉତ୍ପାଦନର ଗାନ୍ଧାଘର। ବର୍ଷସାରା ଏଠାରେ ବିଭିନ୍ନ ପନିପରିବା ଉତ୍ପାଦନ ହୋଇ ରାଜ୍ୟର ବିଭିନ୍ନ ଅଂଚଳକୁ ରପ୍ତାନି ହୋଇଥାଏ । ଉତ୍ପାଦନ ସମୟରେ ଚାଷୀ ମାନେ ଶୀତଳ ଭଣ୍ଡାର ନ ଥିବାରୁ ଅତି ନ୍ୟୁନ ଦରରେ ବିକି ବାକୁ ବାଧ ହୁଅନ୍ତି । ଦିନ ଥିଲା ବାଲିଆପାଳ ଅଞ୍ଚଳ ବାସୀ ଆଳୁ ଚାଷ ବହୁଳ ଭାବରେ କରୁଥିଲେ, ମାତ୍ର ଶୀତଳ ଭଣ୍ଡାର ନ ଥିବାରୁ ଅମଳ ସମୟରେ କିଲୋ ପ୍ରତି୫ଟଙ୍କା ଦରରେ ବିକ୍ରି କରି ବାକୁ ବାଧ ହେଉଥିଲେ । ଫଳରେ ଚାଷୀ ମାନେ କ୍ରମାଗତ କ୍ଷତି ସହି ସହି ଚାଷ ପ୍ରତି ବିମୁଖ ହୋଇ ଯାଇଛନ୍ତି । ଫଳରେ ଆମକୁ ବେଙ୍ଗଲ ଆଳୁ ଉପରେ ନିର୍ଭର କରିବାକୁ ପଡୁଛି । ବର୍ତ୍ତମାନ ଆଳୁ ପାଇଁ ଆମକୁ କେତେ ହଙ୍ଟ ହଙ୍ଟା ହେବାକୁ ପଡୁଛି ତାହା ସମସ୍ତେ ଅନୁଭବ କଲେଣି । ଏଣୁ ବାଲିଆପାଳରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା ତଥା ଚାଷୀମାନଙ୍କୁ ଆଳୁ ଚାଷ ପାଇଁ ସରକାରୀ ସ୍ତରରେ ସୁବିଧା ସୁଯୋଗ ପ୍ରଦାନ କରିବାକୁ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ଦୃଢ଼ ଦାବି କରିଛନ୍ତି । ଏହାଛଡା ବରିଷ୍ଠ ନାଗରିକ ଟ୍ରେନ ରେ ଟିକେଟ ରିହାତି ପୁନଃ ପ୍ରଚଳନ କରିବାକୁ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି । ଏହି ବୈଠକରେ ଶିକ୍ଷାବିତ ଚିତ୍ତରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ରାଜ, ସମ୍ପାଦକ ଡ଼ ବଂକିମ ଚନ୍ଦ୍ର ଜେନା, କୁଞ୍ଜକାନ୍ତ ପାତ୍ର, ସନ୍ନ୍ୟାସୀ ବେହେରା, କମଳ ଲୋଚନ ପିଳା, ଶ୍ରୀହରି ମଣ୍ଡଳ ବେଣୁଧର ମଣ୍ଡଳ ବିରମାଧବ ଦାସ ଓ ବିଜୟ ପାତ୍ର ଆଦି ଶତାଧିକ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ ।

# ନାବାଳିକାକୁ ଦୁଷ୍କର୍ମ ମାମଲା : ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା

କନ୍ଧମାଳ,୨୩/୦୮ (ନି.ପ୍ର): ଫୁଲବାଣୀ ଫାଷ୍ଟ ଟ୍ରାକ ପୋକ୍ସୋ କୋର୍ଟର ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଏକ ୧୧ ବର୍ଷ ର ନାବାଳିକା ଦୁଷ୍କର୍ମ ମାମଲାର ୧୯ ଜଣ ସାକ୍ଷୀ, ପିଡିତାଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟ୍ ଆଧାରରେ ବିଚାର କରି ମାମଲାର ଅଭିଯୁକ୍ତ କନ୍ଧମାଳ ଜିଲ୍ଲା ସାରଙ୍ଗଡର ସଲପଜୋଡି ଗ୍ରାମର ବିପ୍ରଚରଣ ନାୟକ (୫୦) କୁ ଦୋଷୀ ସାବ୍ୟସ୍ତ କରି, ୨୦ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଆଉ ଅଧିକ ୩ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି କୋର୍ଟ। ମାମଲାକୁ ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ ପୋକ୍ସୋ କୋର୍ଟ ର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ। ସୂଚନା ଅନୁସାରେ, ଗତ ୨୦୨୨ ମସିହା ଜୁନ୍ ମାସ ୧୦ ତାରିଖ ସନ୍ଧ୍ୟା ସାଢ଼େ ୫ଟା ରେ ମାମଲାର ପୀଡିତା ଗାଆଁ ରାସ୍ତାରେ ଏକୁଟିଆ ଠିଆ ହୋଇଥିବା ବେଳେ ମାନସିକ ଅନଗ୍ରସର ପୀଡିତାକୁ ଅଭିଯୁକ୍ତ, ଡ଼ାକି ପାଖ ଜଙ୍ଗଲ ପାଖରେ ଥିବା ଏକ ଖାଲୁଆ ଯାଗାରେ ତା ସହିତ ଦୁଷ୍କର୍ମ କରିଥିଲା। ସମିତା ପ୍ରଧାନ ନାମକ ଗାଆଁ ର ଏକ ମହିଳା ର ପାଟି ଶୁଣି ଅଭିଯୁକ୍ତ ଲୁଙ୍ଗି ହାତରେ ଧରି ଦଉଡ଼ି ପଳାଇ ଯାଇଥିଲା। ପୀଡିତା ର ପିତା ଝିଅ ପାଖରୁ ସମସ୍ତ ଘଟଣା ଶୁଣି ସାରଙ୍ଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ଏକ ମାମଲା ୫୩/ ୧୬.୦୬.୨୦୨୨ରେ ରେଜିଷ୍ଟ୍ରେସନ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ରେ ହାଜର କରାଇଥିଲେ। ଆଜି ତା ୨୨.୦୮.୨୦୨୪ ରିଖ ରେ ବିଚାରପତି ମହାଶୟ ଉକ୍ତ ରାୟ ପ୍ରକାଶ କରିଛନ୍ତି ଏବଂ ପିଡୀତାକୁ କ୍ଷତିପୂରଣ ଅର୍ଥ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଲିଗାଲ୍ ଏଡ୍ କୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ

ବଲାଙ୍ଗିର ,୨୩/୦୮ (ନି.ପ୍ର): ବରିଷ୍ଠ ନାଗରିକ ସଂଘ ଟିଟିଲାଗଡ ଆନୁକୂଲ୍ୟରେ ସ୍ଥାନୀୟ ଜୈନ ଭବନ ଠାରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୌରପାଳିକା ଅଧକ୍ଷା ଶ୍ରୀମତୀ ମମତା ଦେବୀ ଜୈନ, ବିଶିଷ୍ଟ ଅତିଥି ଭାବେ ଏସ୍‌ଡିପିଓ ଶ୍ରୀମତୀ ଅଙ୍କିତା କୁମ୍ଭାର, ସମ୍ମାନିତ ଅତିଥି ଭାବେ ଏଚ୍‌ଡିଏଫ୍‌ସି ମ୍ୟାନେଜର ଜିତେନ୍ଦ୍ର କୁମାର ସାହୁ ଏବଂ ମୁଖ୍ୟ ବକ୍ତା ରୂପେ ବିଶିଷ୍ଟ ସାହିତ୍ୟିକ ଡ. ଛାୟାକାନ୍ତ ଷଡଙ୍ଗୀ ମଂଚାସୀନ ଥିଲେ । ସଂଘର ସଭାପତି ଡ. ଘନଶ୍ୟାମ ଜୈନଙ୍କ ଅଧକ୍ଷତାରେ ସଭା ପରିଚାଳିତ ତଥା କୋଷାଧକ୍ଷ ବୃନ୍ଦାବନ ଷଡଙ୍ଗୀଙ୍କ ଦ୍ୱାରା ସଂଯୋଜିତ ସଭାକାର୍ଯ୍ୟ ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ପୂଜାର୍ଚ୍ଚନା ସଂପାଦିତ ହୋଇଥିଲା ।

# ସହାୟତା ଅପେକ୍ଷାରେ ହରି ପାତ୍ରଙ୍କ ପରିବାର

ଚମ୍ପୁଆ,୨୩/୦୮ (ନି.ପ୍ର): ଦୁଃଖ କେତେବେଳେ ଆସିବ ତାହା କେହି କହି ପାରିବେ ନାହିଁ। ସେହିପରି ଦୁଃଖ ର ପାହାଡ଼ ଏବେ ଚମ୍ପୁଆ ବ୍ଲକ କରଞ୍ଜିଆ ପଞ୍ଚାୟତ ଅନ୍ତର୍ଗତ କରଞ୍ଜିଆ ଗ୍ରାମ ହରି ପାତ୍ର ଙ୍କ ଭାଗ୍ୟ ରେ। ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରି ବେଶ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିବା ହରିଙ୍କ ଭାଗ୍ୟ ହଠାତ୍ କଡ଼ ଲେଉଟାଇ ଦେଲା। କିଛି ବର୍ଷ ପୂର୍ବେ ଯକ୍ଷ୍ମା ରୋଗରେ ପିଡିତ ହୋଇ ଗୋଟିଏ ଗୋଡ଼ ଅଚଳ ହୋଇଯାଇଥିବା ବେଳେ ଆଉ ଚଲାବୁଲା କରିପାରୁ ନାହାଁନ୍ତି ସେ। ଏବେ ହୁଇଲ ଚେୟାର ତାଙ୍କ ଆଶ୍ରା ପାଲଟି ଯାଇଥିବା ବେଳେ ତାଙ୍କର ହଠାତ୍ ଅକର୍ମଣ୍ୟ ହୋଇଯିବା ଘରର ସ୍ଥିତିକୁ ଦୋହଲାଇ ଦେଇଛି। ସ୍ୱାମୀ ଅକର୍ମଣ୍ୟ ହୋଇ ଘରେ ବସି ରହିବା ପରେ ସ୍ତ୍ରୀ ଏବେ ମୂଳ ମଜୁରୀ ଲାଗି ଯାହା ଆଣୁଛନ୍ତି ସେଥିରେ ଘର ଚଳୁଛି। ଯାହା ମଜୁରି ପାଆନ୍ତି ତାହା ପେଟ ପାଟଣା ସହିତ ସ୍ୱାମୀଙ୍କ ଔଷଧ ଖର୍ଚ୍ଚକୁ ନିଅଣ୍ଟ। ଏପରି ସ୍ଥିତିରେ ଏକମାତ୍ର ପୁଅର ପାଠପଢ଼ାରେ ସମସ୍ୟା ଦେଖାଦେଉଛି। ସ୍କୁଲ୍ ଖର୍ଚ୍ଚ ଠାରୁ ବହି କିଣା ସମ୍ଭବ ହୋଇ ପାରୁ ନ ଥିବା ଯୋଗୁଁ ପୁଅର ପାଠ ପଢାରେ ଡୋରି ବନ୍ଧା ହେବା ସ୍ଥିତି ପହଞ୍ଚି ସାରିଛି। ଏ ଯାଏଁ ପ୍ରଶାସନର ସୁ ଦୃଷ୍ଟି ହରିଙ୍କ ଉପରେ ପଡିପାରି ନାହିଁ। କେବଳ ଖାଦ୍ୟ ସୁରକ୍ଷା ଯୋଜନାରେ ୧୫ କି. ଗ୍ରା. ଚାଉଳ ପାଉଥିବା ହରିଙ୍କୁ ଭତ୍ତା ଯୋଜନାରେ ସାମିଲ୍ କରା ଯାଇ ନ ଥିବା ଯୋଗୁଁ ଏହାକୁ ନେଇ ଚିନ୍ତାରେ ହରିଙ୍କ ପରିବାର। ଏ ନେଇ ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ପୋଡଷୀ ଦାବି କରୁଥିବା ବେଳେ କେବେ ହରିଙ୍କ ଉପରେ ପ୍ରଶାସନର ସୁ ଦୃଷ୍ଟି ପଡିବ ତାହା ଦେଖିବାକୁ ବାକି।

# ବିପ୍ଳବ ସୃଷ୍ଟି କରିବ ସାମାଜିକ ଗଣମାଧ୍ୟମ : ନିତ୍ୟାନନ୍ଦ





ଉଦଳା,୨୩/୦୮ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ 'ଜନଜାଗୃତି ମଂଚ' ତରଫରୁ ଆଜି ଅଗଷ୍ଟ ୨୨ ତାରିଖ ଗୁରୁବାର ଦିନ ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ରୋହିଦାସ ସୋରେନ କନିଷ୍ଠ ମହାବିଦ୍ୟାଳୟ ପରିସରରେ ସାମାଜିକ ଗଣମାଧ୍ୟମର ବ୍ୟବହାର ଓ ଏହାଦ୍ୱାରା ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହବିଦ୍ୟାଳୟର ଅଧକ୍ଷ ଅରବିନ୍ଦ ମୁଦୁଲି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସାମାଜିକ ଗଣମାଧ୍ୟମର ବ୍ୟବହାର ସମ୍ପର୍କରେ ଜାଣିବା ବର୍ତ୍ତମାନ ସମସ୍ତଙ୍କ ପକ୍ଷେ ଜରୁରୀ ହୋଇ ପଡ଼ିଛି ବୋଲି ବ୍ୟକ୍ତ କରିଥିଲେ । ପରେ ମଂଚର ଟିମ ଲିଡ଼ର ଗଦାଧର ଦାଶ ଆଜିର ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ଓଡ଼ିଶା ଶ୍ରମଜୀବି ମଂଚ ଓ ମହିଳା ଶ୍ରମଜୀବି ମଂଚ ଭୁବନେଶ୍ୱରରେ କାର୍ଯ୍ୟରତ ସ୍ୱେଚ୍ଛାସେବି ନିତ୍ୟାନନ୍ଦ ଥାନପତି ସାମାଜିକ ଗଣମାଧ୍ୟମ ଦ୍ୱାରା କିପରି ଦେଶରେ ବିପ୍ଳବାତ୍ମକ ପରିବର୍ତନ ଆସୁଛି ଓ ଆଗାମି ଦିନରେ ଏହାର ରୂପରେଖ କିପରି ଆହୁରି ବ୍ୟାପକ ହେବାକୁ ଯାଉଛି ସେ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ମଂଚର ସଦସ୍ୟ କାରୁକର, ଅଭିଲିପ୍ସା, କାପାଲ, ରୂପାଏ ଓ ଆରତି ପ୍ରମୁଖ ମୋବାଇଲରେ ଟୁଇଟର ଆକାଉଂଟ ଖୋଲିବା ଓ ଟୁଇଟର ମାଧ୍ୟମରେ କିପରି ବିଭିନ୍ନ ଅଧିକାରୀଙ୍କ ନଜରକୁ ସମସ୍ୟା ଗୁଡ଼ିକ ଆଣିବାର କୌଶଳ ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଶେଷରେ ସୁବ୍ରତ କୁମାର ମହାନ୍ତି ଟୁଇଟ କରି କିପରି ଆମ ଅଂଚଳର ବିଭିନ୍ନ ସମସ୍ୟା ସମାଧାନ ହୋଇ ପାରିଛି ବିଭିନ୍ନ ଦୃଷ୍ଟାନ୍ତ ମାନ ଦେଇ ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମହାବିଦ୍ୟାଳୟର ଅଧ୍ୟାପକ ଉପେନ୍ଦ୍ରନାଥ ବେହେରା ଓ ଶାଂଖାଇ ହାଁସଦା ସହଯୋଗ କରିଥିଲେ ।

# ଡାକ୍ତରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ଦାବିରେ ସିପିଆଇର ରାସ୍ତାରୋକ

ଭୁବନେଶ୍ୱର,୨୩/୦୮ (ନି.ପ୍ର): କଲିକତାସ୍ଥିତ ରାଧାଗୋବିନ୍ଦ କର ମେଡିକାଲ କଲେଜ ଓ ହସ୍ପିଟାଲରେ ଡାକ୍ତରୀ ଛାତ୍ରୀଙ୍କୁ ନୃଶଂସ ଦୁଷ୍କର୍ମ ଓ ନିର୍ମମ ହତ୍ୟା ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ କଠୋରତର ଦଣ୍ଡ ଦେବା ସହ ଡାକ୍ତରମାନଙ୍କୁ ସୁରକ୍ଷା ଦେବା ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ଆଇନ ପ୍ରଣୟନ କରିବାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ଦୃଢ଼ ଦାବି କରାଯାଇଛି । ପ୍ରବଳ ବର୍ଷା ସତ୍ତ୍ୱେ ଦୁଇ ସଂଗଠନର କର୍ମୀମାନେ ମିଳିତ ଭାବେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ରାଜମହଲ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭକାରୀମାନଙ୍କୁ ଉଦବୋଧନ ଦେଇ ଭୁବନେଶ୍ୱର ଜୋନ ସମ୍ପାଦକ ସୁର ଜେନା କହିଥିଲେ- ସାରା ଦେଶରେ ଡାକ୍ତରମାନେ ସୁରକ୍ଷା ଦାବି କରି ଆନ୍ଦୋଳନ ଚଳାଇଛନ୍ତି । ଡାକ୍ତରମାନେ ରାସ୍ତାରେ ଆନ୍ଦୋଳନ କରୁଥିବାରୁ ହସ୍ପିଟାଲମାନଙ୍କରେ ରୋଗୀସେବା ଠପ୍ ହୋଇଯାଇଛି । କେନ୍ଦ୍ର ସରକାର ଏହାର କିଛି ପ୍ରତିକାର ନ କରି ଚୁପ୍ ହୋଇ ବସିଯାଇଛନ୍ତି । ପଶ୍ଚିମବଙ୍ଗରେ ମମତା ସରକାର ଅପରାଧୀଙ୍କ ପ୍ରତି ନିର୍ଲ୍ଲଜ ପକ୍ଷପାତିତା ଓ ତଦନ୍ତରେ ଘୋର ଅବହେଳା ପ୍ରଦର୍ଶନ କରିଛି। ଏପରି ଦୁଷ୍କର୍ମ ଘଟଣାରେ ବିଚାର ବିଳମ୍ବିତ ହେଉଥିବାରୁ ଦୁଷ୍କର୍ମକାରୀଙ୍କୁ ସଙ୍ଗେ ସଙ୍ଗେ ଗୁଳି କରାଯାଉ କିମ୍ବା ବାଘ ମୁହଁରେ ପକାଇ ଦିଆଯାଉ । ଏଭଳି ଭାବରେ ଆଇନର ସଂଶୋଧନ ହେବା ଉଚିତ୍ । ବିକ୍ଷୋଭକାରୀମାନେ ହାତରେ ଧରିଥିବା ପ୍ଲାକାର୍ଡରେ ଡାକ୍ତରମାନଙ୍କୁ ସୁରକ୍ଷା ଦେବାରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯାଉ; ଫାଶୀ ନୁହେଁ, ଚାକ୍ଷୁଶ ପ୍ରମାଣ ଥିବା ଘଟଣାରେ ଅଭିଯୁକ୍ତଙ୍କୁ ଗୁଳି ନ ହେଲେ ବାଘ ମୁହଁରେ ପକାଯାଉ; ଦେଶରେ ଏଭଳି ବାରମ୍ବାର ଘଟୁଥିବାବେଳେ ପ୍ରଶାସନ ଏଥିରୁ କିଛି ଶିକ୍ଷାଲାଭ କରୁ ନାହିଁ ଇତ୍ୟାଦି ଉଲ୍ଲେଖ ଥିଲା । ଏହି ବିକ୍ଷୋଭରେ ଏଆଇଟିୟୁସିର ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ, ବିକେଏମ୍ୟୁର ରାଜ୍ୟ ସହସମ୍ପାଦକ ଶଙ୍କର୍ଷଣ ବାରିକ, ନାରୀ ନେତ୍ରୀ ମିନତୀ ପ୍ରଧାନ, ଆଦିବାସୀ ନେତା ଡାକ ହେମ୍ବ୍ରମ୍, ସୁଷମା ଭୋଇ, ଶରତ ସ୍ୱାଇଁ, ଛେତମ୍ବର ଭୋଇ, ବ୍ରହ୍ମା ବେହେରା, ମଙ୍ଗୁଳି ସେଠୀ ପ୍ରମୁଖ ଯୋଗ ଦେଇଥିଲେ ।

# ଜାତୀୟ ରାଜପଥ ସାଜିଛି ଗୋରୁବେପାରୀଙ୍କ ଭୂସର୍ଗ: ରାସ୍ତାକଡ଼ରେ ମୃତ ଗୋରୁ ପକାଇବା ଫଳରେ ଦୁର୍ଗନ୍ଧରେ ବାୟୁ ମଣ୍ଡଳ ଦୂଷିତ

ବସ୍ତା ,୨୩/୦୮ (ନି.ପ୍ର): ନହର ପାଟଣାଠାରୁ ଲକ୍ଷ୍ମଣନାଥ ପର୍ଯ୍ୟନ୍ତ ଦୌନ ଦିନ ରାତ୍ରୀରେ ୬୦ ଜାତୀୟପଥ ରେ ଲରି ଟାଟା ଏସି ଭଳି ବିଭିନ୍ନ ଗାଡିରେ ଉକ୍ତ ରାସ୍ତାଦେଇ ଶହଶହ ଗୋରୁ ବୋଝେଇ ଗାଡି ଯାତାୟତ କରୁଛି । ପ୍ରଶାସନ ଏଥିପ୍ରତି ତିଳେମାତ୍ର ନଜର ନାହିଁ । ଗୋରୁ ଗୁଡିକୁ ଏମିତି ଭାବରେ ନିଆଯାଉଛି ଯେ ଅଧିକାଶଂ ଗୋରୁ ଅଧାରାସ୍ତାରେ ମରିଯାଉଛନ୍ତି ମଲାଗୋରୁ ଗୁଡିକ ରାସ୍ତା କଢରେ ଫୋପାଡି ଦେଇପଳାଛନ୍ତି ।ଯାହାଫଳରେ ରାସ୍ତାରେ ଯାତାୟତ ସମୟରେ ଦୁର୍ଗନ୍ଧରେ ନାକ ଫାଟିପଡୁଛି । ବିଶେଷକରି ବସ୍ତାବାୟୀପାସ ନିକଟରେ ଥିବା ଜୈନିକ ବ୍ୟକ୍ତି ଙ୍କ ନିଜ ଜାଗାରେ ରାତ୍ରୀରେ ଫୋପାଡି ଦେଇ ପଳାଉଛନ୍ତି ଫଳରେ ରାସ୍ତାଦେଇ ଯାତାୟତ କରୁଥିବା ଯାତ୍ରୀମାନେ ସେହି ରାସ୍ତା ଦେଇ ଯାତାୟତ କରିବା ରେ ଦୁର୍ଗନ୍ଧ ଶିକାର ହୋଉଛନ୍ତି । ଉକ୍ତ ଅଞ୍ଚଳ ଦୁର୍ଗନ୍ଧ ପରିବେଶ ସୃଷ୍ଟିକରୁଛି । ପ୍ରକାଶଥାଉକି ପ୍ରଶାସନ ପକ୍ଷରୁ ପୁଲିସ ଜାତୀୟ ପଥ ଯାତ୍ରୀଙ୍କ ସୁରକ୍ଷ୍ୟା ପାଇଁ ପେଟ୍ରଲିଙ୍ଗ ପାଇଁ କିଛିପୋଲିସ କର୍ମଚାରୀ ନିୟୋଜିତ କରିଛନ୍ତି । ଜଳେଶ୍ୱର ଲକ୍ଷ୍ମଣନାଥ ନାକାପଏଣ୍ଟରେ ପୁଲିସ ମୁତୟନ ହୋଇଛି ତେବେ ବେ ପରୁଆ ଗରୁଗାଡି ଗୁଡିକୁ ମୁଟା ଅଙ୍କର ଅର୍ଥନେଇ ଛାଡିଦିଆଯାଉଛି ।ପୁଣି ଗୋରୁଗାଡି ମାଲିକସହ କେତେଜଣ ନକଲି ସାମ୍ବାଦିକ ମାନେରାତ୍ରିରେ ପୁଲିସ ସହିତ ସାମିଲ ହୋଇ ଗୋରୁଗାଡି ପଶ୍ଚିମ ବଙ୍ଗକୁ ଯିବାପାଇଁ ନାକା ପଏଣ୍ଟ ଚେକଗେଟ ନିକଟରେ ସାହାର୍ଯ୍ୟକରୁଛନ୍ତି ବୋଲି ଦେବ ସେନା ଓ ବସ୍ତା ଅଞ୍ଚଳବାସୀ ପକ୍ଷରୁ ଅଭିଯୋଗ ହୋଇଛି । ଗାଡିଚେକିଙ୍ଗ ଆଳରେ ରାସ୍ତାର ଯାତାୟତକରୁଥିବା ବାଇକ ଚାଳକ ହେଲମେଣ୍ଟ କାଗଜପତ୍ର ଯାଞ୍ଚ କରୁଛନ୍ତି ।ଏଲେ ପ୍ରକୃତରେ ରାଜ ପଥରେ ବେଆଇନ ସାମଗ୍ରୀ ପରିବହନ ହେଉଛି ସେଥିପ୍ରତି ନଜର ନାହିଁ କି ଯାଣିଶୁଣି ଅର୍ଥ ନେଇ ଛାଡି ଦିଆଯାଉଛି ଏହି ଭଳି ସଂଗିନ ଅଭିଯୋଗ ସମାଧାନ ନ ହେଲେ ଆଗାମି ଦିନରେ ବଡ ଧରଣର ଆନ୍ଦୋଳନ ହେବ ବୋଲି ସବୁ ସଂଗଠନ ପକ୍ଷରୁ ଚେତାବନ୍ନି ଦେଇଛନ୍ତି । ତେବେ ବାଲେଶ୍ୱର ଏସପି ମହୋଦୟ ଯଥାଶିଘ୍ର ନିଜେ ତଦନ୍ତ ଭାର ନେଇ ଅନୁସନ୍ଧାନ କଲେ ଅନେକ ଘଟଣା ର ତଥ୍ୟ ଉନ୍ମୋଚନ ହୋଇପାରିବ ବୋଲି ବସ୍ତାର ବୁଦ୍ଧିଯିବି ମହଲରୁ ଦାବି ହୋଇଛି ।

# ଭିଟାମାଟି ବଞ୍ଚାଅ ଆନ୍ଦୋଳନର ନେତା ଅରୁଣ ଜେନା ସଡ଼କ ଦୁର୍ଘଟଣାରେ ଆହତ



ବାଲେଶ୍ୱର,୨୩/୦୮ (ନି.ପ୍ର): ବିଶିଷ୍ଟ ସମାଜସେବୀ, କୃଷକନେତା ତଥା 'ବାଲିଆପାଳ ଭିଟାମାଟି ବଞ୍ଚାଅ' ଆନ୍ଦୋଳନର ଆବାହକ ଅରୁଣ ଜେନା ସଂପ୍ରତି ଗତ ୨୦ ତାରିଖ ଦିନ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଅହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ ଗତ ୨୦-୦୮ ମଙ୍ଗଳବାର ଦିନ ଅପରାହ୍ନ ୩ ଘଟିକା ସମୟରେ ଶ୍ରୀ ଜେନା ତାଙ୍କ ବାଲେଶ୍ୱର ବାସଭବନରୁ ବାହାରି ବାଇକ୍‌ଯୋଗେ ବାଲିଆପାଳର ବେତଗଡ଼ିଆ ଠାରେ ହେବାକୁ ଥିବା ଚାଷୀ ବୈଠକକୁ ଯିବାବେଳେ ୬୦ ନଂ ଜାତୀୟ ରାଜପଥ ହଳଦୀପଦା ବାଇପାସ ପାଖ ପାଞ୍ଚପଡ଼ା ରାସ୍ତାରେ ଏକ ଭାରିଯାନକୁ ସାଇଡ୍ ଦେବାବେଳେ ତାଙ୍କ ବାଇକ୍ ସ୍ଲିପ୍ କରିଯିବାରୁ ଶ୍ରୀ ଜେନା ଗାଡ଼ିରୁ ଛିଟିକି ପଡ଼ିଥିଲେ। ଏଥିରେ ଶ୍ରୀ ଜେନାଙ୍କ ବାମପାଦ ପିଞ୍ଜରା (ଅଙ୍ଗୁଳିପଞ୍ଜା) ଟି ଫାଟିଯିବା ସହ ତାଙ୍କ ଅଣ୍ଟା ଓ ଜଙ୍ଘରେ ଭୀଷଣ ଆଘାତ ଲାଗିଛି। ଘଟଣା ଘଟିବା ପରେ ଶ୍ରୀ ଜେନାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପରିବାର ଲୋକଙ୍କ ସହାୟତାରେ ବାଲେଶ୍ୱର ଫକୀରମୋହନ ମେଡିକାଲ୍ କଲେଜ୍ ଓ ହସପିଟାଲରେ ଭର୍ତ୍ତି କରିଥିଲେ। ମୁଣ୍ଡରେ ହେଲମେଣ୍ଟ୍ ପିନ୍ଧିଥିବାରୁ ଶ୍ରୀ ଜେନା ବଡ଼ ବିପତ୍ତିରୁ ବର୍ତ୍ତିଯାଇଥିଲେ। ଗତକାଲି ଶ୍ରୀ ଜେନାଙ୍କୁ ବାଲେଶ୍ୱର ମେଡିକାଲ୍ ଅର୍ଥପେଡ୍ରିଆଟିକ୍ ପ୍ରଫେସର ଡ. ଟି.ଏସ୍.କେ. ଗୁପ୍ତା ଏବଂ ଡ. ଏଲ୍.କେ. ନାୟକ ପ୍ରମୁଖ ଚିକିତ୍ସା ଓ ଏକ୍ସରେ କରି ପାଦକୁ ପ୍ଲାଷ୍ଟର କର ସୁସ୍ଥ ହେବାରୁ ତାଙ୍କୁ ଘରକୁ ପଠାଇ ଦେଇଛନ୍ତି। ଶ୍ରୀ ଜେନା ଏବେ ତାଙ୍କ ଗୁଡ଼ିପଦା ସ୍ଥିତ ବାସଭବନରେ ୧ମାସ ପାଇଁ ବିଶ୍ରାମରେ ରହିବେ। ଶ୍ରୀ ଜେନାଙ୍କ ଦୁର୍ଘଟଣା ଖବର ପାଇଁ ବିଶିଷ୍ଟ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ମାୟାଧର ନାୟକ, ଆଇନଜୀବୀ ସଂଗ୍ରାମୀ ମନୋଜ ନାୟକ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, କବି ଶ୍ରୀଦେବ, ଯୁବନେତା ସୁଦର୍ଶନ ଜେନା, ସୂଚନା ଅଧିକାର କର୍ମୀ ଅନୁଜ ମହାପାତ୍ର, କାଉନସିଲର ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଶ୍ରୀ ଜେନାଙ୍କୁ ସାକ୍ଷାତ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଦୁର୍ଘଟଣା ଘଟିବା ଦିନ ସକାଳେ ସଡ଼କ ଦୁର୍ଘଟଣାରେ ଆହତ ଶ୍ରୀ ଜେନାଙ୍କ ସହ ଫୋନ୍ ଯୋଗେ କଥା ହୋଇ ଜନଆନ୍ଦୋଳନର ନେତ୍ରୀ ସୁଶ୍ରୀ ମେଧା ପାଟେକର, ଜଳପୁରୁଷ ରାଜେନ୍ଦ୍ର ସିଂ ରାଣା, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ପ୍ରକ୍ତନ ରାଜସ୍ୱମନ୍ତ୍ରୀ ସୁଦାମ ମାର୍ଣ୍ଡି ଓଡ଼ିଶା ବିଧାନସଭା ଶାସକଦଳ ଉପମୁଖ୍ୟ ସଚେତକ - ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ଶ୍ରୀକାନ୍ତ ଜେନା, ମହାନଦୀ ବଞ୍ଚାଅ ଆନ୍ଦୋଳନର ନେତା - କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ, ବାମପନ୍ଥୀ ନେତା ଶିଶିର ହୁଇ ଓ ଜୟନ୍ତୀ ଦସ ପ୍ରମୁଖ ଶ୍ରୀ ଜେନାଙ୍କ ସହ ଫୋନ୍ ଯୋଗେ କଥା ହୋଇ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

# ୨୬ରେ ଡୁଡ୍‌ନୁ ଫାଉଣ୍ଡେସନ ଟ୍ରଷ୍ଟର ପଂଚମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୩/୦୮ (ନି.ପ୍ର): ରାଜ୍ୟର ଅଗ୍ରଣୀ ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଡୁଡ୍‌ନୁ ଫାଉଣ୍ଡେସନ ଟ୍ରଷ୍ଟର ୫ମ ବାର୍ଷିକ ଉତ୍ସବ ଆସନ୍ତା ୨୬ ତାରିଖ ରେ ପାଳିତ ହେବ । ଏଥିସହ ୯୦ ପ୍ରତିଶତ ମାନସିକ ଅନଗ୍ରସର ଡୁଡ୍‌ନୁର ୧୯ତମ ଜନ୍ମ ଉତ୍ସବ ପାଳନ କରାଯିବ । ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଜୟଦେବ ବିହାର ସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଠାରେ ଏହି ଉତ୍ସବ ପାଳିତ ହେବ ବୋଲି ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ଅଧକ୍ଷା ଡ଼ ବନ୍ଦନା ହରିଚନ୍ଦନ ସୁଚନା ଦେଇଛନ୍ତି। ଏହି ଅବସରରେ ଶ୍ରୀମତୀ ହରିଚନ୍ଦନ କହିଛନ୍ତି ଯେ ଚଳିତ ବର୍ଷ ଟ୍ରଷ୍ଟର ବରିଷ୍ଠ ଉପଦେଷ୍ଟା ଓ ସଦସ୍ୟ ମାନଙ୍କର ନିଷ୍ପତ୍ତି କ୍ରମେ ୫ଜଣ ଭିନ୍ନକ୍ଷମ ହୋଇ ବି ସକ୍ଷମ ବିଶିଷ୍ଟ ବ୍ୟକ୍ତି ସର୍ବଶ୍ରୀ ସୁରେଶ କୁମାର ସାହୁ, ରବିନାରାୟଣ ଦାସ, ନରହରି ବେହେରା, କୁନିଲତା ବାରିକ, ସୁଭଦ୍ରା ଦାସଙ୍କୁ 'ଡୁଡ୍‌ନୁ ସମ୍ମାନ ୨୦୨୪' ଏବଂ ଅଗ୍ରଣୀ ୯ଗୋଟି ଅନୁଷ୍ଠାନମାନଙ୍କୁ 'ଡୁଡ୍‌ନୁ ପ୍ରେରଣା ସମ୍ମାନ ୨୦୨୪' ରେ ସମ୍ମାନିତ କରାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଭାଗୀୟ ମନ୍ତ୍ରୀ, ସମ୍ମାନିତ ଅତିଥି ଭାବେ ସାଂସଦ, ବିଧାୟକ, ଅନେକ ସାମାଜିକ କର୍ମୀ, ମାବଧିକାର କର୍ମୀ ଏବଂ ମୁଖ୍ୟ ବକ୍ତା ଭାବେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀମତୀ ହରିଚନ୍ଦନ ସୂଚନା ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ବିଗତ ଦିନ ମାନଙ୍କରେ ଡୁଡ୍‌ନୁ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବହୁ ଜନହିତକର କାର୍ଯ୍ୟକ୍ରମ ହାତକୁ ନିଆଯାଇ ରାଜ୍ୟବାସୀଙ୍କ ଠାରୁ ଭୂୟସୀ ପ୍ରଶଂସା ପାଇଛି। ଏହି କାର୍ଯ୍ୟକ୍ରମ ମଧ୍ୟରେ ରକ୍ତଦାନ ଶିବିର ଠାରୁ ଆରମ୍ଭ କରି ବୃକ୍ଷରୋପଣ, ମାଗଣା ସ୍ୱାସ୍ଥ୍ୟ ଶିବିର, ମାଗଣା ଚକ୍ଷୁ ସେବା ଶିବିର, ମାନସିକ ଅନଗ୍ରସର ପିଲାଙ୍କୁ ପିଲାମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ, କରୋନା ମହାମାରୀ କାଳରେ ମାକ୍ସ ଠାରୁ ଆରମ୍ଭ କରି ଖାଦ୍ୟ ବଣ୍ଟନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରିବା, ଓଡିଶାର କଳା ସଂସ୍କୃତି କୁ ଋଦ୍ଧିମନ୍ତ କରିବା ନିମନ୍ତେ ରଙ୍ଗ ଉତ୍ସବ ସମ୍ମାନ ପ୍ରଦାନ, କୁଷ୍ଠ ରୋଗୀଙ୍କୁ ଶୃଙ୍ଖଳା ଖାଦ୍ୟ ଏବଂ ବସ୍ତ୍ର ପ୍ରଦାନ କରିବା, ବନ୍ୟା ପ୍ରପୀଡିତ ପରିବାରଙ୍କୁ ସହାୟତା ପ୍ରଦାନ କରି ଡୁଡ୍‌ନୁ ଫାଉଣ୍ଡେସନ ଟ୍ରଷ୍ଟ ରାଜ୍ୟବାସୀଙ୍କର ପ୍ରସଂଶା ସାଉଁଟିବାରେ ବେଶ୍ ସଫଳ ହୋଇଛି ବୋଲି ଶ୍ରୀମତୀ ହରିଚନ୍ଦନ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ଓଡିଶା ଭାସ୍କର ସମ୍ପାଦକ ପ୍ରଦୋଷ ପଟ୍ଟନାୟକ, କବି ସଙ୍କର୍ଷଣ ପରିଡା, ଟ୍ରଷ୍ଟ ନିର୍ଦ୍ଦେଶକ ସଂଜୀବ କୁମାର ହରିଚନ୍ଦନ, ସମ୍ପାଦକ ରୋଶନ ଅଲି ବେଗଙ୍କ ସହ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ।

# ଆରାଧନାର ସସ୍ନେହା ସମ୍ମାନ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୨୩/୦୮ (ନି.ପ୍ର): ଆରାଧନା ଡ୍ୟାନ୍ସ ଏକାଡ଼େମୀ ପକ୍ଷରୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଡଃ ସ୍ନେହପ୍ରଭା ସାମନ୍ତରାୟଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ତିନିଦିନ ଧରି ଚାଲିଥିବା ସଙ୍ଗୀତଭିତିକ କାର୍ଯ୍ୟକ୍ରମ ଦ୍ୱିତୀୟ ସସ୍ନେହା ସମ୍ମାନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଆରଧନାର ସମ୍ପାଦକ ଚିତ୍ରସେନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଗୁରୁ ଡଃ ସ୍ନେହପ୍ରଭା ସାମନ୍ତରାୟ, କ୍ଷେତ୍ର କାର୍ଯ୍ୟାଳୟ ପୂର୍ବକ୍ଷେତ୍ର ଡଃ ଗୋପାଳ ପ୍ରସାଦ ମହାପାତ୍ର, ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଗୋପାଳ ମହାପାତ୍ର, ଏସ୍‌ଏନ୍ ଆଓ୍ୱାଡି (ଡ୍ରାମା) ମନୋଜ ପଟ୍ଟନାୟକ ଏବଂ ନୃତ୍ୟଗୁରୁ ଶରତ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଦ୍ୱିତୀୟ ସନ୍ଧ୍ୟାରେ ବାଙ୍ଗାଲୋରର କେ ଜ୍ୟୋତିର୍ମୟ ପଟ୍ଟନାୟକ, ଗୁରୁ ମଧୁସ୍ମିତା ମହାନ୍ତି ଏବଂ ତାଙ୍କର ସୁକନ୍ୟା ତନିଷା ତନୁଶ୍ରୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ବିଚିତ୍ରନନ୍ଦ ସ୍ୱାଇଁ, ଭୁବନେଶ୍ୱର ରୁଦ୍ରାକ୍ଷ ଫାଉଣ୍ଡେସନର କଳାକାରମାନେ ଚିତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଡଃ ସ୍ନେହପ୍ରଭା ସାମନ୍ତରାୟ ଜାତୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ବରିଷ୍ଠ ବିଭାଗର ପ୍ରଥମସ୍ଥାନ ଅଧିକାର କରିଥିବା ବିଶ୍ୱଜିତ ମହାପାତ୍ରଙ୍କୁ ୧୦ ହଜାର ଟଙ୍କା, ଦ୍ୱିତୀୟସ୍ଥାନ ଅଧିକାର କରିଥିବା ଦିଲୁ ପ୍ରସାଦ ବେହେରାଙ୍କୁ ୭ ହଜାର ଟଙ୍କା ଏବଂ ତୃତୀୟସ୍ଥାନ ଅଧିକାର କରିଥିବା ଶୁଭଶ୍ରୀ ପ୍ରୀତିନନ୍ଦିନୀଙ୍କ ୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି କନିଷ୍ଠ ବିଭାଗରେ ପ୍ରଥମସ୍ଥାନ ଅଧିକାର କରିଥିବା ଅନନ୍ୟା ଜୁଗଦେଙ୍କୁ ୧୦ ହଜାର, ଦ୍ୱିତୀୟସ୍ଥାନ ଅଧିକାର କରିଥିବା ଅର୍ପିତା ଶତପଥୀଙ୍କୁ ୭ ହଜାର ଏବଂ ତୃତୀୟସ୍ଥାନ ଅଧିକାର କରିଥିବା ନୟୋନିକା ରାୟଙ୍କୁ ୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର କର୍ମକର୍ତା ସ୍ମୃତିମୟୀ, ସୌମିର୍ଲି ଦେ, ମଧୁସ୍ମିତା ପ୍ରଧାନ, କରୁଣାକର ସ୍ୱାଇଁ, ବିଦ୍ୟୁଲତା ସ୍ୱାଇଁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁଷ୍ଠାନର ସଭାପତି ଡଃ ସ୍ନେହପ୍ରଭା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଡଃ ଶ୍ରୀନିବବାସ ଘଟୁଆରୀ ପରିଚାଳନା କରିଥିଲେ।

# ପ୍ରତ୍ୟେକ ଗୃହିଣୀଙ୍କ ପାଇଁ ୪ ସହଜ ଆଉ ଜରୁରୀ ଯୋଗାସନ: କରିଲେ ଅନେକ ଲାଭ



ଅଧିକାଂଶ ମହିଳା ମେଦବହୁଳତା, ରକ୍ତଚାପ, ସୁଗାର୍, ଥାଇରଏଡ୍ ଏବଂ ଆଣ୍ଠୁ ଯନ୍ତଣା ଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏପରି ପରିସ୍ଥିତିରେ ମହିଳାମାନେ ସମ୍ମୁଖୀନ ହେଉଥିବା ଏହି ସମସ୍ତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯୋଗ ଏକ ମାତ୍ର ଉପାୟ।

ଉନ୍ନତ ସ୍ୱାସ୍ଥ୍ୟ ପାଇଁ ସବୁ ବୟସର ଲୋକଙ୍କ ପାଇଁ ଯୋଗାସନ ଲାଭଦାୟକ ହୋଇଥାଏ। ପିଲାମାନଙ୍କ ଠାରୁ ଆରମ୍ଭ କରି ବୟସ୍କ ଏବଂ ପୁରୁଷ ପର୍ଯ୍ୟନ୍ତ ମହିଳା ସମସ୍ତେ ଯୋଗ ଅଭ୍ୟାସ କରିବା ଉଚିତ। ତେବେ ଅଧିକାଂଶ ମହିଳା ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ ହେତୁ ନିଜ ପାଇଁ ସମୟ ବାହାର କରିବାରେ ହୁଅନ୍ତି ନାହିଁ।

ଏହି କାରଣରୁ ଅଧିକାଂଶ ମହିଳା ମେଦବହୁଳତା, ରକ୍ତଚାପ,



ସୁଗାର୍, ଥାଇରଏଡ୍ ଏବଂ ଆଣ୍ଠୁ ଯନ୍ତଣା ଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏପରି ପରିସ୍ଥିତିରେ ମହିଳାମାନେ ସମ୍ମୁଖୀନ ହେଉଥିବା ଏହି ସମସ୍ତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯୋଗ ଏକ ମାତ୍ର ଉପାୟ।

ଏହିସବୁ ଶାରୀରିକ ସମସ୍ୟାରୁ ଦୂରେଇ ରହିବା ଏବଂ ନିଜକୁ ସୁସ୍ଥ ରଖିବା ପାଇଁ ପ୍ରତ୍ୟେକ ମହିଳା ଦିନର ବ୍ୟସ୍ତବହୁଳ କାର୍ଯ୍ୟରୁ ନିଜ ପାଇଁ ସମୟ ବାହାର କରିବା ଜରୁରୀ ଆଉ କିଛି ଯୋଗ କରିବା ଆବଶ୍ୟକ। ଏଠାରେ ଆପଣଙ୍କୁ କିଛି ସହଜ ଓ ସରଳ ଯୋଗାସନ ବିଷୟରେ କୁହାଯାଉଛି ଯାହା ଗୃହିଣୀମାନଙ୍କ ପାଇଁ ଲାଭଦାୟକ। ଏହିସବୁ ଯୋଗାସନ ବିଷୟରେ ଜାଣନ୍ତୁ ଆଉ ପ୍ରତିଦିନ ଅଭ୍ୟାସ କରନ୍ତୁ।

ଧନୁରାସନ: ଧନୁରାସନ ମହିଳାମାନଙ୍କର ମାସିକ ଋତୁସ୍ରାବଜନିତ ସମସ୍ୟାକୁ ଦୂର କରିଥାଏ। ଏହି ଯୋଗାସନ ମାଂସପେଶୀର ଭଲ ପ୍ରସାରଣ କରିଥାଏ, ଯାହା ପେଟର ଚର୍ବିକୁ ହ୍ରାସ କରିଥାଏ। ଧନୁରାସନ କରିବାକୁ ହେଲେ ପେଟ ମାଡି ଶୋଇପଡନ୍ତୁ, ଆଣ୍ଠୁକୁ ପଛ ପରେ ଭାଙ୍ଗି ଏବଂ ପାପୁଲିରେ ପାଦକୁ ବଳାଗଣ୍ଠି ପାଖରୁ ଧରନ୍ତୁ। ବର୍ତ୍ତମାନ ନିଜ ସାମର୍ଥ୍ୟ ଅନୁଯାୟୀ ଗୋଡ ଏବଂ ହାତକୁ ଉପରକୁ ଉଠାନ୍ତୁ। ଉପରକୁ ଚାହିଁ କିଛି ସମୟ ପାଇଁ ଏହି ଅବସ୍ଥାରେ ରୁହନ୍ତୁ ଏବଂ ତା'ପରେ ସାଧାରଣ ସ୍ଥିତିକୁ ଫେରି ଆସନ୍ତୁ। ଏହି ପ୍ରକ୍ରିୟା ପୁନରାବୃତ୍ତି କରନ୍ତୁ।



ବାଳାସନ: ବାଳାସନ ଶରୀରକୁ ନମନୀୟ କରିଥାଏ। ଏହି ଯୋଗାସନ ଅଭ୍ୟାସ କରିବା ଦ୍ୱାରା ମାନସିକ ଶାନ୍ତି ମିଳିଥାଏ ଏବଂ ଚାପ କମିଯାଏ। ବାଳାସନ କରିବା ପାଇଁ ପ୍ରଥମେ ବଜ୍ରାସନରେ ବସନ୍ତୁ ଏବଂ ଶ୍ୱାସ ନେଇ ଦୁଇ ହାତକୁ ସିଧା ମୁଣ୍ଡ ଉପରକୁ ଉଠାନ୍ତୁ। ବର୍ତ୍ତମାନ ଶ୍ୱାସ ଛାଡି ଶରୀରକୁ ଆଗକୁ ନୁଆଁନ୍ତୁ। ହାତ ଏବଂ ମୁଣ୍ଡକୁ ଭୂମିରେ ରଖି ଦୀର୍ଘ ଶ୍ୱାସ ନିଅନ୍ତୁ ଏବଂ ଛାଡନ୍ତୁ। ହାତର ଆଙ୍ଗୁଠିକୁ ଏକତ୍ର କରି ଦୁଇ ହାତ ମଝିରେ ମୁଣ୍ଡକୁ ଧୀରେ ରଖନ୍ତୁ। କିଛି ସମୟ ପରେ ପୂର୍ବ ସ୍ଥିତିକୁ ଫେରି ଆସନ୍ତୁ।



ସୁଖାସନ: ମାନସିକ ଏବଂ ଶାରୀରିକ ଶାନ୍ତି ପାଇଁ ସୁଖାସନ ଅଭ୍ୟାସ ସହାୟକ ହୋଇଥାଏ। ଯୋଗ ଆରମ୍ଭ କରିବା ପୂର୍ବରୁ ଏହି ଆସନ କରାଯାଇଥାଏ, ଯାହାଦ୍ୱାରା ଶ୍ୱାସକ୍ରିୟା ନିୟନ୍ତ୍ରଣ ହୋଇପାରେ। ଏହି ଆସନ କରିବା ପାଇଁ, ଚକାପକାଇ ଆରାମରେ ବସନ୍ତୁ ଏବଂ ଉଭୟ ଆଖି ବନ୍ଦ କରି ଆଣ୍ଠୁ ଉପରେ ହାତ ପାପୁଲି ରଖନ୍ତୁ। ତା'ପରେ ଏକ ଦୀର୍ଘ ଶ୍ୱାସ ନିଅନ୍ତୁ। ଏହି ପ୍ରକ୍ରିୟା ପୁନରାବୃତ୍ତି କରନ୍ତୁ।

ଅଧିକ ପଢନ୍ତୁ : ଣକ୍ଟଶବଷ୍ବବଭବ: ଥାଇରଏଡ୍ ? ଗ୍ରନ୍ଥିରେ ସମସ୍ୟା ଥିଲେ ଦୈନିକ କରନ୍ତୁ ଏହି ଗୋଟିଏ ଆସନ, ମିଳିବ ମୁକ୍ତି

ମଳାସନ: ମଳାସନ ଅଭ୍ୟାସ କରିବା ଦ୍ୱାରା ଗୋଡ ଏବଂ ଜଙ୍ଘର ଅସ୍ଥି ମଜବୁତ ହୁଏ। ଆହୁରି ମଧ୍ୟ, ଏହା ଗୋଡ କିମ୍ବା ଜଙ୍ଘକୁ ଯନ୍ତଣାରୁ ମୁକ୍ତି ଦେଇଥାଏ। ମଳାସନ ଅଭ୍ୟାସ କରିବାକୁ ହେଲେ ସିଧା ଠିଆ ହୁଅନ୍ତୁ। ବର୍ତ୍ତମାନ ଆଣ୍ଠୁ ଭାଙ୍ଗି ନମସ୍କାର ମୁଦ୍ରାରେ ଅଧା ବସନ୍ତୁ। ଏହି ସମୟରେ, ଆଣ୍ଠୁ ମଧ୍ୟରେ ଦୂରତା ବଜାୟ ରଖନ୍ତୁ।

# ବ୍ୟାପିବାରେ ଲାଗିଛି ଡେଙ୍ଗୁ-ମ୍ୟାଲେରିଆ; ଏଥିରୁ ରକ୍ଷା ପାଇବା ପାଇଁ କରନ୍ତୁ ଏହି ଉପାୟ

ବର୍ଷାଋତୁ ଯୋଗୁଁ ବ୍ୟାପିବାରେ ଲାଗିଛି ଡେଙ୍ଗୁ-ମ୍ୟାଲେରିଆ। ଏପରି ପରିସ୍ଥିତିରେ, ଘରେ ଏବଂ ଆଖପାଖରେ ଥିବା କିଛି ଜିନିଷ ବ୍ୟବହାର କରି ଏହାକୁ ଏଡାଇ ଦିଆଯାଇ ପାରେ। ଏନେଇ କିଛି ଟିପ୍ସକୁ ଅନୁସରଣ କରିବା ଜରୁରୀ। ଆସନ୍ତୁ ସେସବୁ ଜାଣିବା।

ଋତୁ ପରିବର୍ତ୍ତନ ସହିତ ସ୍ୱାସ୍ଥ୍ୟରେ ଅବନତି ଦେଖାଦେବା ଏକ ସାଧାରଣ କଥା। ବିଶେଷକରି ବର୍ଷା ଋତୁରେ ଲୋକମାନେ ବାରମ୍ବାର ଅସୁସ୍ଥ ହୋଇପଡନ୍ତି। ଏହି ସମୟରେ ମଶାଙ୍କ ପ୍ରାଦୁର୍ଭାବ ଯୋଗୁଁ ଡେଙ୍ଗୁ, ମ୍ୟାଲେରିଆ ଭଳି ସାଙ୍ଘାତିକ ରୋଗ ମଧ୍ୟ ବ୍ୟାପେ।

ଏହାକୁ ଏଡାଇବା ପାଇଁ ବଜାରରେ ଅନେକ କିଛି ମିଳୁଥିଲେ ମଧ୍ୟ ସେସବୁକୁ କିଣିବା ପାଇଁ ସମସ୍ତେ ସକ୍ଷମ ନୁହନ୍ତି, ଏସବୁ ମଧ୍ୟ ଖର୍ଚ୍ଚାନ୍ତ କରାଏ। ଏପରି ପରିସ୍ଥିତିରେ, ଘରେ ଏବଂ ଆଖପାଖରେ ଥିବା କିଛି ଜିନିଷ ବ୍ୟବହାର କରି ଏହାକୁ ଏଡାଇ ଦିଆଯାଇ ପାରେ। ଏନେଇ କିଛି ଟିପ୍ସକୁ ଅନୁସରଣ କରିବା ଜରୁରୀ। ଆସନ୍ତୁ ସେସବୁ ଜାଣିବା।

*ନିମ ପତ୍ର:*

ଆୟୁର୍ବେଦିକ ବିଶେଷଜ୍ଞଙ୍କ ମତରେ ନିମପତ୍ରରେ ଅନେକ ଔଷଧୀୟ ଗୁଣ ରହିଛି। ନିମରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ଭାଇରାଲ୍ ଗୁଣ ରହିଛି। ଏପରି ପରିସ୍ଥିତିରେ, ଆପଣ ଏହି ପତ୍ରଗୁଡ଼ିକୁ ପାଣିରେ ଫୁଟାଇ ସ୍ନାନ କରିପାରିବେ। ଘରେ ନିମ ପତ୍ର ଦ୍ୱାରା ମଧ୍ୟ ଧୂଆଁ କରାଯାଇପାରେ। ଏହା ଆପଣଙ୍କ ଘରୁ ମଶା ଦୂର କରିବ।



*ତୁଳସୀ ସେବନ:*

ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ନିମ ସହିତ ତୁଳସି ପତ୍ର ମଧ୍ୟ ବ୍ୟବହାର କରିପାରିବେ। ପ୍ରତିଦିନ କିଛି ତୁଳସି ପତ୍ର ଚା'ରେ ମିଶାଇ ଖାଇ ପାରିବେ। ତୁଳସୀ ପତ୍ରକୁ ଚୋବାଇ ଖାଇ ପାରିବେ। ଏହାକୁ କାଢା କରି ମଧ୍ୟ ପିଇପାରିବେ।



*ଗିଲୋଇ:*

ବିଶେଷଜ୍ଞଙ୍କ ମତରେ ଗିଲୋଇ ଏକ ପ୍ରସିଦ୍ଧ ଆୟୁର୍ବେଦିକ ଔଷଧ। ଏହାକୁ ଅମୃତ ବେଲ ମଧ୍ୟ କୁହାଯାଏ। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ। ଏନେଇ ପ୍ରତିଦିନ ଗିଲୋଇ ରସ କିମ୍ବା ଗିଲୋଇ ଟାବଲେଟ୍ ଖାଇପାରିବେ।



*ମଶାମାନଙ୍କଠାରୁ ଦୂରେଇ ରହିବା:*

ଯଦି ଆମେ ଡେଙ୍ଗୁ ମଶା ବିଷୟରେ କହିବା ତେବେ ଏମାନେ ସବୁବେଳେ ଗୋଡକୁ କାମୁଡି ଥାଆନ୍ତି। ଯଦି ଆପଣ ନଡ଼ିଆ ତେଲରେ କପୁର ମିଶ୍ରଣ କରି ଦେହରେ ଲଗାନ୍ତି, ତେବେ ମଶାମାନେ ପାଖକୁ ଆସନ୍ତି ନାହିଁ। ଗୁଗଳ, ନିମ ଏବଂ କପୁର ଧୂଆଁ କରିବା ଦ୍ୱାରା ପରିବେଶରେ ଥିବା ଜୀବାଣୁ ନଷ୍ଟ ହୋଇଥାଏ ଏବଂ ମଶାଙ୍କୁ ମଧ୍ୟ ଦୂରେଇ ରଖିବାରେ ସହାୟକ ହୋଇଥାଏ।

*ଅନ୍ୟାନ୍ୟ :*

ଏହା ସହିତ, ଘରର ଚାରିପାଖକୁ ସବୁବେଳେ ପରିଷ୍କାର ପରିଚ୍ଛନ୍ନତା ରଖିବା ଜରୁରୀ। ଏଠାରେ ମନେରଖନ୍ତୁ ଯେ ଡେଙ୍ଗୁ ମଶା ସବୁବେଳେ ବିଶୁଦ୍ଧ ପାଣିରେ ପ୍ରଜନନ କରୁଥିବା ଦେଖାଯାଏ।

# ବର୍ଷା ପାଗରେ ଘରେ ତିଆରି କରନ୍ତୁ ବନ୍ଧାକୋବି ପରଟା

ଆବଶ୍ୟକ ସାମଗ୍ରୀ: ବନ୍ଧାକୋବି, ଅଦା, ରସୁଣ, କଞ୍ଚାଲଙ୍କା, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଟା ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ବନ୍ଧାକୋବିକୁ କାଟି ରଖନ୍ତୁ। ପରେ ଅଦା, ରସୁଣ ଓ କଞ୍ଚାଲଙ୍କାକୁ ଏକାଠି ବାଟି ସେଥିରେ ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡକୁ ମିଶାଇ ଏହାକୁ ବନ୍ଧାକୋବି ସହ ଗୋଳାଇ ଦିଅନ୍ତୁ। ଏହାପରେ କଡ଼େଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବାପରେ ବନ୍ଧାକୋବିକୁ ଭଲ ଭାବରେ ଭାଜି ଦିଅନ୍ତୁ। ଏହା ଭାଜି ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତି। ପରେ ଅଟାକୁ ଏକ ପାତ୍ରରେ ଆଣି ତାକୁ ଭଲ ଭାବରେ ଚକଟନ୍ତୁ। ଅଟା ଚକଟି ସାରିବା ପରେ ନରମ ହେବା ପାଇଁ ଏହାକୁ ଏକ କପଡ଼ାରେ ଘୋଡ଼ାଇ କିଛି ସମୟ ରଖି ଦିଅନ୍ତୁ।



କିଛି ସମୟ ପରେ ଛୋଟ ଛୋଟ ଅଟା ଗୋଳା ତିଆରି କରନ୍ତୁ। ପରେ ସେଥିରେ ଏହି ବନ୍ଧାକୋବି ପୁରକୁ ଦେଇ ବେଲନ୍ତୁ। ଏବେ ତାୱା ଗରମ କରି ପରଟା ସେକନ୍ତୁ। ପରଟାର ଦୁଇ ପଟ ଭଲ ଭାବେ ସେକି ହୋଇଯିବା ପରେ ଏହା ଉପରେ ତେଲ କିମ୍ବା ଘିଅ ଦେଇ ଆହୁରି ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ବନ୍ଧାକୋବି ପରଟା। ଏହାକୁ ଗରମା ଗରମ ଦହି, ଚଟଣୀ କିମ୍ବା ଆଚାର ସହ ପରଷନ୍ତୁ।

# ପେଟରେ ବୃଦ୍ଧି ପାଉଛି କି ଚର୍ବି ?: ଡାଏଟରେ ସାମିଲ କରନ୍ତୁ ମେଥି

ଶାରୀରିକ ଗଠନକୁ ବିଗାଡି ଦିଏ ପେଟରେ ଚର୍ବି ବୃଦ୍ଧି। ଏଥିପାଇଁ ଅନେକ ଲୋକ ବ୍ୟାୟାମ ସହିତ ବିଭିନ୍ନ ପ୍ରକାର ଖାଦ୍ୟକୁ ଡାଏଟରେ ସାମିଲ୍ କରନ୍ତି।ଏହି କ୍ଷେତ୍ରରେ ମେଥି ମଧ୍ୟ ଖୁବ୍ ଉପକାରୀ ହୋଇପାରେ ବୋଲି ଜାଣନ୍ତି କି ? ଆଜ୍ଞା ହଁ... ମେଥିରେ ଏପରି କିଛି ଉପକାରୀ ଗୁଣ ରହିଛି, ଯାହା ପେଟରେ ବଢୁଥିବା ଚର୍ବିକୁ ରୋକିପାରିବ। ତେଣୁ ଏହାକୁ କିପରି ଡାଏଟରେ ସାମିଲ୍ କରିବେ, ଜାଣନ୍ତୁ...

ମେଥି କାହିଁକି ଉପକାରୀ ଏବଂ ଏହାକୁ କିପରି ଖାଇବେ ?: ଓଜନ ହ୍ରାସ ପାଇଁ ବ୍ୟାୟାମ କରିବା ସହିତ ପ୍ରତିଦିନ ଖାଲି ପେଟରେ ମେଥି ଖାଇବା ଲାଭଦାୟକ। ଏହା ପେଟରେ ବଢୁଥିବା ଚର୍ବିକୁ ହ୍ରାସ କରିପାରିବ। ଏଥିପାଇଁ ରାତିରେ ଏକ ଗ୍ଲାସ୍ ପାଣିରେ ପ୍ରାୟ ଏକ ଚାମଚ ମେଥି ମଞ୍ଜି ଭିଜାନ୍ତୁ। ପରଦିନ ସକାଳେ ଖାଲି ପେଟରେ ଏହି ପାଣିକୁ ପିଅନ୍ତୁ। ମେଥି ମଞ୍ଜିରେ ମିଳୁଥିବା ଉପାଦାନଗୁଡ଼ିକ ମେଟାବୋଲିଜିମ୍ ଶକ୍ତିକୁ ବୃଦ୍ଧି କରିପାରନ୍ତି। ନିୟମିତ ଭାବେ ମେଥି ପାଣି ପିଇବା ଦ୍ୱାରା ଶରୀରରେ ଜମା ହୋଇଥିବା ଅତିରିକ୍ତ ଚର୍ବି ହ୍ରାସ ହୋଇପାରେ। ମେଥି ମଞ୍ଜିରୁ ଫାଇବର ମଧ୍ୟ ମିଳିଥାଏ, ଯାହା ଓଜନ ହ୍ରାସ କରିବାରେ ସହାୟକ ହୋଇପାରେ। ଏହା ବ୍ୟତୀତ ମେଥିରୁ ଆମିନୋ ଏସିଡ୍, ୪ ହାଇଡ୍ରୋକ୍ସି ସଲ୍ୟୁସିନ ମିଳିଥାଏ ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ପ୍ରଭାବଶାଳୀ ହୋଇପାରେ। ମେଥି ମଞ୍ଜି ଶରୀରରେ ଚର୍ବି ଅବଶୋଷଣକୁ ରୋକିବାରେ ମଧ୍ୟ ସାହାଯ୍ୟ କରେ।



# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୪ ଅଗଷ୍ଟ ୨୦୨୪, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିକଶିତ ଭାରତ ଓ ବେକାରୀ...

୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ଭାବେ ପରିଚୟ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଥିବା ଭାରତ ଯେ ଉତ୍କଟ ନିଯୁକ୍ତି ସଙ୍କଟ ମଧ୍ୟରେ ଗତି କରୁଛି ଏହା କେବଳ ଏକ ବିଡ଼ମ୍ବନା ନୁହେଁ, ଚିନ୍ତାଜନକ ମଧ୍ୟ। କ୍ରମବର୍ଦ୍ଧନଶୀଳ ନିଯୁକ୍ତି ବଜାର ବିନା କୌଣସି ଦେଶର ବିକାଶ ଯାତ୍ରା ସହଜ ଓ ସୁଲଭ୍ୟ ନୁହେଁ। ଯେତେବେଳେ ଭାରତ ଭଳି ବିଶ୍ୱର ସର୍ବବୃହତ୍ ଯୁବଶକ୍ତି-ସମୃଦ୍ଧ ଦେଶର କଥା ଉଠୁଛି ସେଠାରେ ନିଯୁକ୍ତି ବଜାରର ସମ୍ପ୍ରସାରଣ ଆହୁରି ପ୍ରାସଙ୍ଗିକ ହୋଇପଡୁଛି। ଭାରତ ଗସ୍ତରେ ଆସିଥିବା ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍)ର ଉପପରିଚାଳନା ନିର୍ଦ୍ଦେଶକ ତଥା ଭାରତ ବଂଶୋଦ୍ଭବ ଗୀତା ଗୋପୀନାଥନ୍ ମଧ୍ୟ ଏହି ମର୍ମରେ ପରାମର୍ଶ ଦେଇଛନ୍ତି। ଗୀତାଙ୍କ କହିବା ଅନୁଯାୟୀ, ଅର୍ଥନୀତିର କେତେକ କ୍ଷେତ୍ରରେ ଭାରତର ପ୍ରଦର୍ଶନ ପ୍ରଶଂସନୀୟ ରହିଥିଲେ ମଧ୍ୟ ସାମ୍ପ୍ରତିକ ନିଯୁକ୍ତି ବଜାର ସ୍ଥିତି ଦୃଷ୍ଟିରୁ ଭାରତର ସ୍ଥାନ ଜି-୨୦ ଦେଶମାନଙ୍କ ମଧ୍ୟରେ ସର୍ବଶେଷରେ। ୨୦୧୦ ରୁ ଭାରତର ଅର୍ଥନୀତି ବାର୍ଷିକ ହାରାହାରି ୬.୬ ପ୍ରତିଶତ ହାରରେ ବୃଦ୍ଧି ପାଉଛି। କିନ୍ତୁ ନିଯୁକ୍ତି ହାର ଅଭିବୃଦ୍ଧି ମାତ୍ର ୨%, ଅର୍ଥାତ୍ ଅତି ନୈରାଶ୍ୟଜନକ। ତେଣୁ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରର ଲକ୍ଷ୍ୟ ପୂରଣ କରିବାକୁ ହେଲେ ୨୦୩୦ ସୁଦ୍ଧା ଅତିକମ୍‌ରେ ୧୪.୮ କୋଟି ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ଦେବାକୁ ହେବ ବୋଲି ଗୀତା କହିଛନ୍ତି। ଏଥିପାଇଁ ଭୂସଂସ୍କାର ଓ ଶ୍ରମ କୋଡ୍‌ରେ ଢାଞ୍ଚାଗତ ସଂସ୍କାର ଦିଗକୁ ସେ ଇଙ୍ଗିତ କରିଛନ୍ତି। ଏବେ ବିଶ୍ୱ ନିଯୁକ୍ତି ବଜାରରେ ମାନ୍ଦାବସ୍ଥା ଜାରି ରହିଛି। କୋଭିଡ୍ ମହାମାରୀ ପ୍ରଭାବରୁ ମୁକୁଳି ସୁଧୁରି ଆସୁଥିବା ଏହି କ୍ଷେତ୍ର ଏବେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଠାରୁ ପ୍ରବଳ ଆହ୍ୱାନର ସମ୍ମୁଖୀନ ହୋଇଛି। ଗୁଗୁଲ୍, ଆଇବିଏମ୍, ଆପଲ୍, ଆମାଜନ୍, ମେଟା, ମାଇକ୍ରୋସଫ୍ଟ ପରି ବିଶ୍ୱର ପ୍ରମୁଖ ୪୦୦ କମ୍ପାନୀ ଏହି କାରଣରୁ ପ୍ରାୟ ୧.୩ ଲକ୍ଷ କର୍ମଚାରୀଙ୍କୁ ଇତିମଧ୍ୟରେ ଛଟେଇ କରିଛନ୍ତି। ଚଳିତ ବର୍ଷ ପ୍ରଥମାର୍ଦ୍ଧରେ କେବଳ ୧ ଲକ୍ଷ ଛଟେଇ ହୋଇଛି। ଏଆଇକୁ ଆହୁରି ଅଧିକ ବିକଶିତ କରିବାର ଧାରା ଜାରି ରହିଥିବାରୁ ଛଟେଇ ସଙ୍କଟ ଆହୁରି ଉତ୍କଟ ହେବାକୁ ଯାଉଛି ବୋଲି ମାନବ ସମ୍ବଳ ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ସୂକ୍ଷ୍ମ ଭାବରେ ଅନୁଶୀଳନ କଲେ ଛଟେଇ ଧାରା ଆଇଟି କମ୍ପାନୀଗୁଡ଼ିକରେ ଅଧିକ ହେଉଥିବାର ଦେଖିବାକୁ ମିଳୁଛି, ଯାହା ଭାରତ ପାଇଁ ଅଧିକ ଚିନ୍ତାଜନକ। ବିଶ୍ୱର ଆଇଟି କ୍ଷେତ୍ରରେ ଭାରତୀୟମାନଙ୍କ ସଂଖ୍ୟା ସର୍ବାଧିକ। ତେଣୁ ବିଶ୍ୱ ଆଇଟି ଉଦ୍ୟୋଗରେ ଆରମ୍ଭ ହୋଇସାରିଥିବା ଛଟେଇର ଧାରା ଭାରତରେ ଯୁବ ବେକାର ସମସ୍ୟାକୁ ଉତ୍କଟ କରିବାର ଆଶଙ୍କା ଆହୁରି ଘନୀଭୂତ ହେଉଛି। ଏ କ୍ଷେତ୍ରରେ ଏକ ଆଶାର କିରଣ ଅବଶ୍ୟ ଦେଖିବାକୁ ମିଳିଛି। ସାମ୍ପ୍ରତିକ ସ୍ଥିତିରେ ବିକଶିତ ବିଶ୍ୱର ପ୍ରମୁଖ ରାଷ୍ଟ୍ରଗୁଡ଼ିକର ଅର୍ଥନୀତି ମୁଦ୍ରାସ୍ଫୀତି ଓ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ସେଠାରେ କାର୍ଯ୍ୟରତ ଶିଳ୍ପ ସଂସ୍ଥାମାନେ ବିକାଶଶୀଳ ବିଶ୍ୱର ରାଷ୍ଟ୍ରଆଡ଼କୁ ମୁହାଁଉଛନ୍ତି। ରୁଷ-ୟୁକ୍ରେନ୍ ଯୁଦ୍ଧ, ଇରାନ-ଇସ୍ରାଏଲ୍‌ର ଉତ୍ତେଜନା, କୋଭିଡ୍ ପରବର୍ତ୍ତୀ ଚୀନ୍‌ର ଆଭିମୁଖ୍ୟ, ବାଂଲାଦେଶର ଅସ୍ଥିରତା ଆଦି ଭୂରାଜନୈତିକ ସ୍ଥିତି ଭାରତରେ ଉତ୍ପାଦନ ଓ ରପ୍ତାନୀ ବାଣିଜ୍ୟ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିଛି। ବିଶେଷକରି ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପରେ ଭାରତର ପ୍ରବେଶ ଓ ଉଦ୍ୟମ ଭାରତୀୟ ଅର୍ଥନୀତି ଓ ନିଯୁକ୍ତି ବଜାରକୁ ଏକ ନୂଆ ଦିଗ ଦେବାର କ୍ଷମତା ରଖିଛି। ତେଣୁ ୨୦୩୦ ସୁଦ୍ଧା ୧୪.୮ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଗୀତା ଗୋପୀନାଥ ଯେଉଁ ପରାମର୍ଶ ଦେଇଛନ୍ତି ତାହା ସାକାର ହେବାର ସମସ୍ତ ସୁଯୋଗ ଭାରତ ପାଖରେ ରହିଛି। ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ଜରିଆରେ ଏହି ଲକ୍ଷ୍ୟ ପୂରଣ ହୋଇପାରିବ। ତେବେ ଚିନ୍ତାଜନକ ହେଉଛି ଭାରତ ସରକାର ଏହି ସୁଯୋଗର କେତେ ଫାଇଦା ଉଠାଇପାରିବେ। ଗତ କିଛିବର୍ଷ ଭିତରେ ଏହି ଦକ୍ଷତା କେନ୍ଦ୍ରଗୁଡ଼ିକର ସଂଖ୍ୟାରେ ମଧ୍ୟ ଆଶାନୁରୂପ ବୃଦ୍ଧି ହୋଇପାରିନାହିଁ, ଯାହା ଫଳରେ ନିଯୁକ୍ତି ସୁଯୋଗ ସଂକୁଚିତ ହୋଇଚାଲିଛି। ଯେଉଁଠାରେ ଭାରତ ଅତିକମ୍‌ରେ ୨୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଥା'ନ୍ତା ସେଠାରେ ତାହା ମାତ୍ର ୧୦.୬ ଲକ୍ଷରେ ସୀମିତ ହୋଇ ରହିଯାଇଛି। ନିଯୁକ୍ତି ବଜାରର ଏହି ସଂକଟ କାଳରେ ବିଶ୍ୱ ଅର୍ଥନୈତିକ ମଞ୍ଚ(ୱାର୍ଲ୍ଡ ଇକନୋମିକ୍ ଫୋରମ୍)ର ତଥ୍ୟ ଆଉ ଏକ ସକାରାତ୍ମକ ଦିଗ ପ୍ରତି ଇଙ୍ଗିତ କରୁଛି। ଏହି ସଂସ୍ଥାର ରିପୋର୍ଟ ଅନୁସାରେ ନିକଟ ଭବିଷ୍ୟତରେ ଏଆଇ ପ୍ରାୟ ୮.୫ କୋଟି ଛଟେଇ କରିବ, ଅଥଚ ୯.୭ କୋଟି ନୂଆ ନିଯୁକ୍ତି ସୃଷ୍ଟି କରିବ। ଏହିସବୁ ନୂଆ ନିଯୁକ୍ତି ଡାଟା ଏଣ୍ଟ୍ରି, କଷ୍ଟମର କେୟାର, ମେସିନ୍ ଲର୍ଣ୍ଣିଂ ଆଦି କ୍ଷେତ୍ରରେ ସୃଷ୍ଟି ହେବ। ଏଥିପାଇଁ କିନ୍ତୁ ବିଶ୍ୱ ଦକ୍ଷତା କେନ୍ଦ୍ରମାନଙ୍କୁ ଆହୁରି ସଂଗଠିତ ହେବା ସହିତ ସେଗୁଡ଼ିକର ଉତ୍କର୍ଷ ବୃଦ୍ଧି ହେବା ଜରୁରୀ। ଅସଲ କଥା ହେଲା ଭାରତ ଏହି ଆହ୍ୱାନ ସହିତ ତାଳ ଦେଇ ଚାଲି ନ ପାରି ପଛରେ ପଡ଼ିଯାଇଛି। ୨୦୨୫ ସୁଦ୍ଧା ଏଆଇ କ୍ଷେତ୍ରରେ ଭାରତରେ ପ୍ରାୟ ୨୧୦ କୋଟି ଡଲାର ନିବେଶ ସମ୍ଭାବନା ଥିବା ବେଳେ କାର୍ଯ୍ୟପ୍ରଣାଳୀ ଓ ଶ୍ରମ କୌଶଳରେ ବ୍ୟାପକ ପରିବର୍ତ୍ତନର ଆହ୍ୱାନ ସୃଷ୍ଟି କରିବ। କିନ୍ତୁ ଏହି ଆହ୍ୱାନର ମୁକାବିଲା ପାଇଁ ଯୁବ ମାନବ ସମ୍ବଳକୁ 'ସ୍କିଲ୍ ଇଣ୍ଡିଆ ମିଶନ୍' କେତେ ପ୍ରଭାବଶାଳୀ ଢଙ୍ଗରେ ମୁକାବିଲା କରିବ, କ୍ରିୟାଶୀଳ ଓ ସମର୍ଥ ହେବ ତା' ଉପରେ ଭାରତର ଶ୍ରମ ବଜାରର ପରିସର ଓ ଭବିଷ୍ୟତ ନିର୍ଭର କରିବ।

# ଜନ୍ ବୀମସ ଓ ଓଡ଼ିଆ ଭାଷାର ସୁରକ୍ଷା



### ବାଦଲ ଭୂୟାଁ

ଉନ୍ନବିଂଶ ଶତାବ୍ଦୀ ଦ୍ୱିତୀୟାର୍ଦ୍ଧରେ ବେଙ୍ଗଲ ସିଭିଲ ସର୍ଭିସରେ ଯୋଗ ଦେଇଥିଲେ ଜଣେ ବ୍ରିଟିଶ ଯୁବକ। ୧୮୫୯ ମସିହାରେ ପଞ୍ଜାବରେ କାର୍ଯ୍ୟକ୍ଷେତ୍ରରେ ଯୋଗଦେବା ପରେ ଏହାର ମାତ୍ର ଦୁଇବର୍ଷ ପରେ ଅର୍ଥାତ୍ ୧୮୬୧ରେ ସେ ବଙ୍ଗଳାକୁ ବଦଳି ହୋଇ ଆସିଥିଲେ। ସାହିତ୍ୟ, ଇତିହାସ ଓ ଭାଷାତତ୍ତ୍ୱରେ ଅଗାଧ ପାଣ୍ଡିତ୍ୟ ଓ ଆଗ୍ରହ ଥିବା ବୀମସ ବାଲେଶ୍ୱରରେ କଲେକ୍ଟର ଭାବେ ୧୮୬୯ରେ ଅବସ୍ଥାପିତ ହେବାବେଳକୁ ଗୋଟିଏ ବିଚିତ୍ର କଥା ଲକ୍ଷ୍ୟ କଲେ। ଯଦିଚ ବଙ୍ଗ ପ୍ରଦେଶ ଅଧୀନରେ ଓଡ଼ିଆ ଭାଷାଭାଷୀ କ୍ଷେତ୍ର ଥିଲା। ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ବଙ୍ଗୀୟ ବିଦ୍ୱାନ ମାନଙ୍କ ଦାବି ଭୁଲ ବୋଲି ସେ ଜାଣିପାରିଲେ। କାରଣ ସେତେବେଳକୁ ସେ ଭାରତୀୟ ଆର୍ଯ୍ୟ ଭାଷା ଉପରେ ପ୍ରାୟ ଦଶବର୍ଷ ଧରି ଗଭୀର ଅଧ୍ୟୟନ କରିସାରିଥାନ୍ତି।

ରାଜେନ୍ଦ୍ରଲାଲ ମିତ୍ରଙ୍କ ଠାରୁ ଆରମ୍ଭ କରି ଉମା ଚରଣ ହାଇଦର, କାନ୍ତିଲାଲ ଭଟ୍ଟାଚାର୍ଯ୍ୟଙ୍କ ଭଳି ବଙ୍ଗୀୟ ବିଦ୍ୱାନଙ୍କ ଏଭଳି ଯୁକ୍ତି ବିରୁଦ୍ଧରେ ବୀମସ କୋଲକାତାର ଏସିଆଟିକ ସୋସାଇଟି ୧୮୭୦, ମେ ୪ ତାରିଖ ଦିନ ଏକ ସଭାରେ ତଥ୍ୟ ପ୍ରମାଣ ଉପସ୍ଥାପନ କରି ଭାଷଣ ଦେଲେ। ଏହାପରେ ସେ ରାଜେନ୍ଦ୍ରଲାଲ ମିତ୍ରଙ୍କ ଦାବିକୁ ଖଣ୍ଡନ କରି ବମ୍ବେରୁ ପ୍ରକାଶ ପାଉଥିବା ଇଣ୍ଡିଆନ ଆଣ୍ଟିକ୍ୱାରୀ ପତ୍ରିକା 'ଦି ଇଣ୍ଡିଜେନସ ଲିଟରେଚର ଅଫ୍ ଓଡ଼ିଶା' ଶୀର୍ଷକ ଏକ ଦୀର୍ଘ ପ୍ରବନ୍ଧ ପ୍ରକାଶ କଲେ। ସେଥିରେ ଜନ ବୀମସ ଦର୍ଶାଇଥିଲେ 'ମୁଁ ଜାଣେ, ଭାରତୀୟ ଭାଷା ଗୁଡ଼ିକ ମଧ୍ୟରେ ଓଡ଼ିଆ ଭାଷାର ସ୍ଥାନ ଅପେକ୍ଷାକୃତ ଭାବେ ନିମ୍ନରେ ରହିଛି। କିନ୍ତୁ ଏହା ପଛରେ ଥିବା କାରଣଟି ହେଲା, ଏ ଭାଷା ଦୀର୍ଘଦିନ ଧରି ଘୋର ଅନ୍ଧାର ଭିତରେ ରହିଆସିଛି। ମୋ ବିଚାରରେ ସମସ୍ତ ଆର୍ଯ୍ୟ ଭାଷା ମଧ୍ୟରେ ଏହା ଏକ ଚମତ୍କାର ଓ ପ୍ରାଚୀନ ଭାଷା। ଏହା ଅନ୍ୟାନ୍ୟ ଆର୍ଯ୍ୟ ଭାଷା ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଦୀର୍ଘ ଦିନର ଅବହେଳା ସତ୍ତ୍ୱେ ଏହାର ନିଜର ମୌଳିକତା ହରାଇ ନାହିଁ। ଏହାର ରୂପରେଖ ଅତୁଟ ରହିଛି ଓ ସମସ୍ତ ପ୍ରତିକୂଳ ପ୍ରଭାବରେ ସୁଦ୍ଧା ବିସ୍ତାରିତ ହୋଇ ଚାଲିଛି। ବୀମସ ସାହେବଙ୍କ ଏଭଳି ବିଜ୍ଞାନସମ୍ମତ ଆଲେଖ୍ୟ ବଙ୍ଗୀୟମାନଙ୍କୁ ଚୁପ କରାଇବାରେ ଅନେକାଂଶରେ ସକ୍ଷମ ହୋଇଥିଲା। ସେହି ପ୍ରବନ୍ଧରେ ବୀମସ ପ୍ରାଚୀନ ଶିଳାଲେଖା ଠାରୁ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ କବିତାରେ ଅନେକ ଉଦାହରଣ ଦେଇଥିଲେ।

ବୀମସ ସାହେବ ଜାଣିଥିଲେ ଯେ ଓଡ଼ିଆ ଭାଷା ସପକ୍ଷରେ ତାଙ୍କର ଏହି ଗୋଟିଏ ପ୍ରବନ୍ଧ ପର୍ଯ୍ୟାପ୍ତ ହେବନାହିଁ। ଓଡ଼ିଆ ଭାଷାଭାଷୀ କ୍ଷେତ୍ରକୁ ଓଡ଼ିଆକୁ ଉଠାଇ ବଙ୍ଗଳା ଭାଷା ପ୍ରଚଳନ ପାଇଁ ବଙ୍ଗୀୟମାନଙ୍କ ପ୍ରୟାସ ତଥାପି ଜାରି ରହିଥିଲା। ତେଣୁ ସେ "Indian Philology' (1867) and A Comparative Grammar of the Modern Aryan Language (1872)' ରେ ଓଡ଼ିଆ ଭାଷାର ଲିପି, ବ୍ୟାକରଣ, ଉଚ୍ଚାରଣ, ଧ୍ୱନି, ସାହିତ୍ୟ ଓ ଏହାର କ୍ରମବିକାଶ ଉପରେ ଆହୁରି ବିସ୍ତାରିତ ଆଲୋଚନା କରିଥିଲେ। ଓଡ଼ିଆ ଭାଷାକୁ ଅନ୍ୟ ଆର୍ଯ୍ୟ ଭାଷା ଗୁଡ଼ିକ ସହିତ ତୁଳନା କରି ଏହାର ବିଶେଷତ୍ୱ ଓ ଅନ୍ୟଠାରୁ କିପରି ପୃଥକ ତାହା ଦର୍ଶାଇଥିଲେ। ବୀମସ ତାଙ୍କ "Comparative Grammer of Four Language' ପୁସ୍ତକରେ ପ୍ରଥମ ଭାଗରେ ଲେଖିଥିଲେ ଯେ ଏକ ସମୟରେ ଓଡ଼ିଆ ଏକ ବ୍ୟବସ୍ଥିତ, ସ୍ଥିର ଓ ସ୍ୱୟଂ ସମ୍ପୂର୍ଣ୍ଣ ଭାଷା ପର୍ଯ୍ୟାୟରେ ପହଞ୍ଚିଥିଲା। ସେ ସମୟରେ ବଙ୍ଗଳା ଭାଷାର କୌଣସି ଅସ୍ତିତ୍ୱ ନଥିଲା। ବଙ୍ଗୀୟମାନେ ହିନ୍ଦୀର ଏକ ପୂର୍ବାଞ୍ଚଳୀୟ ଅପଭ୍ରଂଶ ଭାଷାରେ କଥାବାର୍ତ୍ତା କରୁଥିଲେ। ଏବେ ସୁଦ୍ଧା ଏପରି କିଛି ବିଶେଷତ୍ୱ ଲକ୍ଷ୍ୟ କରାଯାଉନାହିଁ, ଯାହାକି ଓଡ଼ିଆ ଉପରେ ବଙ୍ଗଳା ଭାଷାର ପ୍ରାଧାନ୍ୟକୁ ପ୍ରମାଣିତ କରିପାରିବ।

ଜନ ବୀମସଙ୍କ ଏଭଳି ଅଧ୍ୟୟନ ଓ ପ୍ରବନ୍ଧ ଓଡ଼ିଆ ଭାଷାର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଏହାର ସୁରକ୍ଷା ଦିଗରେ ବିଶେଷ ଭାବେ ସହାୟକ ହୋଇଥିଲା। ବୀମସ ବାଲେଶ୍ୱର ଓ କଟକର କଲେକ୍ଟର ଏବଂ କମିଶନର ଦାୟିତ୍ୱରେ ଥିବାବେଳେ ଗୌରୀ ଶଙ୍କର ରାୟ, ଭୂଦେବ ମୁଖୋପାଧ୍ୟାୟ, ଫକୀର ମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ରାଓ, ରାମଶଙ୍କର ରାୟ ପ୍ରମୁଖ ପ୍ରାଚୀନ ଓଡ଼ିଆ ପୋଥି ମାନଙ୍କରୁ ଓଡ଼ିଆ ସାହିତ୍ୟର ଅନେକ କୃତିକୁ ଲୋକ ଲୋଚନକୁ ଆଣି ଏବଂ ନିଜ ରଚନା ମାଧ୍ୟମରେ ଓଡ଼ିଆ ଭାଷା ସୁରକ୍ଷା ଦିଗରେ ଅଣ୍ଟା ଭିଡ଼ି ଥିଲେ। ଧ୍ୱଂସମୁହଁରେ ପଡ଼ି ଲୀନ ହେବା ଅବସ୍ଥାରୁ ଓଡ଼ିଆ ଭାଷା ଉଦ୍ଧାର ପାଇ ଏବେ ଶାସ୍ତ୍ରୀୟ ଭାଷାର ଗୌରବ ଅର୍ଜନ କରିପାରିଛି।


ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍',
ପୁରୁଣା ସୋନାରି, ଜାମସେଦପୁର,
ମୋ : ୭୪୮୮୯୯୮୫୩୨


# ଅଢ଼େଇ ହଜାର ବର୍ଷ ମଧ୍ୟରେ ଭାରତବର୍ଷର ୨୪ ବିଭାଜନ



### ଗୋପାଳ ମହାପାତ୍ର

> ରଗ୍‌ବେଦ (୧୦/୭୫)ରେ ଆର୍ଯ୍ୟ ମାନେ ବସବାସ କରୁଥିବା ଅଞ୍ଚଳରେ ପ୍ରବାହିତ ଯେଉଁ ନଦୀ ମାନଙ୍କର ବର୍ଣ୍ଣନା କରାଯାଇଛି ସେସବୁ ହେଲା କୁଭା (କାବୁଲନଦୀ), କୃଗୁ(କୁରେମ), ଗୋମତୀ,ସିନ୍ଧୁ, ପରୁଷ୍ଣି (ରାବି), ଶୁତୁଦ୍ରି (ସତଲଜ), ବିତସ୍ତା (ଝେଲମ), ସରସ୍ୱତୀ, ଯମୁନା ଏବଂ ଗଙ୍ଗା। ଏହି ଅଞ୍ଚଳ ଗଙ୍ଗାନଦୀର ତଟବର୍ତ୍ତୀ ଅଞ୍ଚଳଠାରୁ ହିମାଳୟ ପର୍ଯ୍ୟନ୍ତ ବିସ୍ତୃତ ଥିଲା।

ବିଶ୍ୱରେ ଭାରତବର୍ଷ ହେଉଛି ଏକମାତ୍ର ଏମିତି ଦେଶ ଯାହାର ଇତିହାସ ଗୌରବମୟ କିନ୍ତୁ ଏଥି ସହ ଅନେକ ଯନ୍ତ୍ରଣା ବି ରହିଛି। ସାରା ବିଶ୍ୱକୁ ଗଣନା ଏବଂ ଜ୍ଞାନ ବିଜ୍ଞାନ ଅବଗତ କରାଇ ଥିବା ଭାରତବର୍ଷ ନିରନ୍ତର ଆକ୍ରମଣ ଓ ଅନେକ ବାର ବିଭାଜନର ଯନ୍ତ୍ରଣା ସହିଛି। ବିଗତ ଅଢ଼େଇ ହଜାର ବର୍ଷ ମଧ୍ୟରେ ୨୪ ଥର ଭାରତବର୍ଷର ବିଭାଜନ ହୋଇଛି ଏବଂ ୧୮୭୩ ରୁ ୧୯୪୭ ମଧ୍ୟରେ କେବଳ ୭୦ ବର୍ଷ ମଧ୍ୟରେ ୭ଥର ଭାରତର ବିଭାଜନ ହୋଇଛି। ଅନ୍ତିମ ବିଭାଜନ ୧୯୪୭ ମସିହାରେ ହୋଇଥିଲା ଯେଉଁ ବିଭାଜନ ପାଇଁ କୋଟି କୋଟି ଲୋକ ଘରଦ୍ୱାରା ହରାଇଥିଲେ ଏବଂ ଲକ୍ଷ ଲକ୍ଷ ନିର୍ଦ୍ଦୋଷ ନାଗରିକଙ୍କର ପ୍ରାଣ ଯାଇଥିଲା। ଆଜି ସ୍ୱାଧିନ ଭାରତବର୍ଷର ଯେଉଁ ସ୍ୱରୂପ ଏବଂ ସୀମା ଆମେ ଦେଖୁଛେ ତାର ଭୂଗୋଳ ଅତୀତ ଗୌରବର ୧୦ ପ୍ରତିଶତ ମଧ୍ୟ ନୁହେଁ। ବୈଦିକ ସଂସ୍କୃତିରେ ଆଲୋକିତ ଏହି ଭୂଭାଗର ପ୍ରାଚୀନ ନାମ ଥିଲା ଜମ୍ବୁଦ୍ୱୀପ ଯାହାର ସ୍ମରଣ ଆଜି ମଧ୍ୟ ପୂଜା ପାର୍ବଣ ବେଳେ ସଂକଳ୍ପ ରେ କରାଯାଇଥାଏ। ଯେ କୌଣସି ପୂଜା ପୁର୍ବରୁ ସଂକଳ୍ପ ବେଳେ – ଜମ୍ବୁଦ୍ୱୀପେ ଭାରତ ଖଣ୍ଡେ ଆର୍ଯ୍ୟାବର୍ତ୍ତେ ଭଳି ସଂସ୍କୃତ ଶବ୍ଦର ଉଚ୍ଚାରଣ କରାଯାଇଥାଏ। କିନ୍ତୁ ଏହା କେବଳ ଇତିହାସ ମଧ୍ୟରେ ହିଁ ସୀମିତ ହୋଇ ରହିଯାଇଛି।

ବର୍ଷ କେବେ ଆର୍ଯ୍ୟାବର୍ତ୍ତ ତ ଆଉ କେତେବେଳେ ଭାରତବର୍ଷ ନାମରେ ଖ୍ୟାତ ଥିଲା। ହିମାଳୟ ଏହାର ମଧ୍ୟ ଭାଗରେ ଥିଲା। ଏହାର ଶୀର୍ଷ ଭାଗର ନାମ ଥିଲା ଗୌରୀଶଙ୍କର। କିନ୍ତୁ ଇଂରେଜ ମାନେ ଏହାର ନାମ ଏଭରେଷ୍ଟରେ ପରିବର୍ତ୍ତନ କରିଦେଇଥିଲେ। ନେପାଳ, ଭୂଟାନ, ଶ୍ରୀଲଙ୍କା, ମାଳଦ୍ୱୀପ, ମଂ୍ୟାମାର, ତିବତ, ପାକିସ୍ଥାନ, ବଙ୍ଗଳାଦେଶ ସମେତ କମ୍ବୋଡିଆ, ଇରାକ, ଇରାନ ଏବଂ ଇଣ୍ଡୋନେସିଆ ମଧ୍ୟ ଏକଦା ଭାରତବର୍ଷର ଅଂଶଥିଲା। ସେତେବେଳେ କମ୍ବୋଡିଆର ନାମ କମ୍ବୋଜଥିଲା ଏବଂ ଇଣ୍ଡୋନେସିଆର ନାମ ଦୀପାନ୍ତର ଥିଲା। ବିଶ୍ୱର ପ୍ରାୟ ସବୁ ଦେଶରେ ପ୍ରାଚୀନ ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ପ୍ରମାଣ ମିଳିଥାଏ। ଏହାର ଦୁଇଟି କାରଣ ରହିଛି। ପ୍ରଥମ କାରଣ ହେଉଛି ସେଇ ଭୂଭାଗ (ଦେଶ) ଯାହା ଭାରତବର୍ଷର ଅଂଶ ଥିଲା ଓ ଦ୍ୱିତୀୟ କାରଣ ପର୍ଯ୍ୟଟନ କରଣରୁ ଭାରତବର୍ଷର ସଂସ୍କୃତି ସେ ଦେଶରେ ପହଞ୍ଚିଥିଲା। ଭାରତବର୍ଷର ବିଶାଳତାକୁ ବୁଝିବାକୁ ହେଲେ ଜମ୍ବୁଦ୍ୱୀପ, ଭାରତଖଣ୍ଡ ଓ ଆର୍ଯ୍ୟାବର୍ତ୍ତ ଶବ୍ଦକୁ ବୁଝିବାକୁ ହେବ।

ଯଦି ଆମେ ବୈଦିକ କାଳର ଜମ୍ବୁଦ୍ୱୀପକୁ ଦେଖିବା ତେବେ ଏହାର ଚତୁର୍ଦ୍ଦିଗରେ ସମୁଦ୍ର ଥିଲା ବୋଲି ଆମେ ଜାଣିପାରିବା। ଏହାକୁ ଆମେ ଆଜିର ଏସିଆ ମହାଦ୍ୱୀପ (ମହାଦେଶ) ବୋଲି ମଧ୍ୟ କହିପାରିବା। ଏହା ଭିତରେ ରହିଥିଲା ଭାରତବର୍ଷ। ବୈଦିକ କାଳରେ ଭାରତବର୍ଷ ୪ଟି ସାମ୍ରାଜ୍ୟରେ ବିଭାଜିତ ଥିଲା। ପ୍ରଥମ ସାମ୍ରାଜ୍ୟ ହେଉଛି ଆନର୍ତ୍ତ ସାମ୍ରାଜ୍ୟ ଯାହା ନର୍ମଦା ନଦୀ ଠାରୁ ସମୁଦ୍ର ପର୍ଯ୍ୟନ୍ତ ବିସ୍ତୃତ ଥିଲା। ଶ୍ରୀଲଙ୍କା ଆଜି ଦେଶ ଏହି ସାମ୍ରାଜ୍ୟର ଅଂଶ ଥିଲେ। ଦ୍ୱିତୀୟ ସାମ୍ରାଜ୍ୟ ହେଉଛି ବ୍ରହ୍ମବର୍ତ୍ତ ଯାହା ନର୍ମଦାର ଅପର ପାର୍ଶ୍ୱଠାରୁ ଗଙ୍ଗାନଦୀ ପର୍ଯ୍ୟନ୍ତ ଥିବା ଭୂଭାଗ। ତୃତୀୟ ସାମ୍ରାଜ୍ୟ ଥିଲା ଆର୍ଯ୍ୟବର୍ତ୍ତ ଯାହା ଗଙ୍ଗାନଦୀଠାରୁ ହିମାଳୟ ପର୍ଯ୍ୟନ୍ତ ପରିବ୍ୟାପ ଥିଲା। ଚତୁର୍ଥ ସାମ୍ରାଜ୍ୟ ଥିଲା ପର୍ସବର୍ତ୍ତ। ପର୍ସବର୍ତ୍ତ ସାମ୍ରାଜ୍ୟକୁ ପରବର୍ତ୍ତୀ କାଳରେ ପାରସ ସାମ୍ରାଜ୍ୟ ବୋଲି କୁହାଗଲା। ସିକନ୍ଦରଙ୍କ ଭାରତବର୍ଷ ଉପରେ ଆକ୍ରମଣ ସମୟରେ ତାର ନାମ ପାରସ ସାମ୍ରାଜ୍ୟ ଥିଲା ଏବଂ ସେଠାରେ ଆର୍ଯ୍ୟ ବୈଦିକ ସଂସ୍କୃତି ଜୀବନ୍ତ ଥିଲା। ଏବେ ଏହି ଅଞ୍ଚଳ (ଭୂଭାଗ)କୁ ଇରାକ ବୋଲି କୁହାଯାଉଛି। ନିଃସନ୍ଦେହ ଯେ ଆର୍ଯ୍ୟବର୍ତ୍ତ ଜ୍ଞାନ ବିଜ୍ଞାନ ଏବଂ ଅନୁସନ୍ଧାନର କେନ୍ଦ୍ର ଥିଲା କିନ୍ତୁ ସମୁଦାୟ ଭାରତବର୍ଷ ଆର୍ଯ୍ୟବର୍ତ୍ତ ନଥିଲା। ବିଭିନ୍ନ ଜୀବନ ଶୈଳୀ ସବୁ ଭିନ୍ନ ଭିନ୍ନ ଢଙ୍ଗରେ ବିକଶିତ ହେଉଥିଲା। ସବୁପରେ ଗୋଟିଏ କଥା ସ୍ପଷ୍ଟ ଯେ ଆର୍ଯ୍ୟ କୌଣସି ଜାତି/ପ୍ରଜାତି ନୁହେଁ ବରଂ ଏକ ଜୀବନ ଶୈଳୀ ଥିଲା ଓ ଏଇଥିପାଇଁ ରଗ୍‌ବେଦରେ ବିଶ୍ୱକୁ ଆର୍ଯ୍ୟରେ ପରିଣତ କରିବାର ସଂକଳ୍ପ କଥା କୁହାଯାଇଛି।

ରଗ୍‌ବେଦ (୧୦/୭୫)ରେ ଆର୍ଯ୍ୟ ମାନେ ବସବାସ କରୁଥିବା ଅଞ୍ଚଳରେ ପ୍ରବାହିତ ଯେଉଁ ନଦୀ ମାନଙ୍କର ବର୍ଣ୍ଣନା କରାଯାଇଛି ସେସବୁ ହେଲା କୁଭା (କାବୁଲନଦୀ), କୃଗୁ(କୁରେମ), ଗୋମତୀ,ସିନ୍ଧୁ, ପରୁଷ୍ଣି (ରାବି), ଶୁତୁଦ୍ରି (ସତଲଜ), ବିତସ୍ତା (ଝେଲମ), ସରସ୍ୱତୀ, ଯମୁନା ଏବଂ ଗଙ୍ଗା। ଏହି ଅଞ୍ଚଳ ଗଙ୍ଗାନଦୀର ତଟବର୍ତ୍ତୀ ଅଞ୍ଚଳଠାରୁ ହିମାଳୟ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଇଣ୍ଡୋନେସିଆରେ ବୈଦିକ ଆର୍ଯ୍ୟଧର୍ମ ଏବଂ ବୌଦ୍ଧ ଧର୍ମ ଥିଲା। ଇଣ୍ଡୋନେସିଆରେ ଯେଉଁ ପୁରୁଣା ରାଜବଂଶ ମାନଙ୍କର ରାଜୁତି ଥିଲା ସେମାନଙ୍କର ମଧ୍ୟରେ ଶ୍ରୀବିଜୟ, ଶୈଳେନ୍ଦ୍ର, ମାତାରାମ ନାମରେ ରାଜବଂଶ ଥିଲେ। ସୁମାତ୍ରାରେ ନବମ ଶତାବ୍ଦି ପର୍ଯ୍ୟନ୍ତ ବୈଦିକ ଆର୍ଯ୍ୟ ପରମ୍ପରା ଥିଲା। ଏହି ସ୍ଥିତି ଭିଏତନାମା ଏବଂ କାମ୍ବୋଡିଆରେ ମଧ୍ୟ ଥିଲା । ସତାନନି ପରମ୍ପରାର ନାମ ଅନୁସାରେ ଏସବୁ ଦେଶର ରାଜବଂଶର ନାମ ରହିଥିଲା। କିନ୍ତୁ ବିଗତ ଅଢେଇ ହଜାର ବର୍ଷ ମଧ୍ୟରେ ଏମାନେ ସବୁ ଭାରତବର୍ଷରୁ ଦୁରେଇ ଯାଇଥିଲେ ବା ବିଭାଜିତ ହୋଇଯାଇଥିଲେ।

ଆମେ ଅଧିକ ପୁରୁଣା କଥାକୁ ନଯାଇ ଯଦି କେବଳ ୧୮୭୬ ମସିହାର ପରବର୍ତ୍ତୀ କଥାକୁ ଦେଖିବା ତେବେ ୧୮୭୬ରୁ ୧୯୪୭ ମଧ୍ୟରେ ୭୧ ବର୍ଷ ମଧ୍ୟରେ ଭାରତବର୍ଷ ସମୁଦାୟ ୭ଥର ବିଭାଜିତ ହୋଇଛି ଏବଂ ଭାରତବର୍ଷର ଦୁଇ ତୃତୀୟାଂଶ ଭୂଭାଗ ବିଭାଜିତ ହୋଇଯାଇଛି। ଆଫଗାନିସ୍ଥାନ, ଶ୍ରୀଲଙ୍କା, ମ୍ୟାମାର ଆଦି ଏହି ୭୧ ବର୍ଷର ଅବଧି ମଧ୍ୟରେ ଭାରତବର୍ଷରୁ ଅଲଗା ହୋଇଛନ୍ତି। ୧୮୫୭ କ୍ରାନ୍ତିରେ ଏହାର ଭୂମିକା ସୃଷ୍ଟି ହୋଇଥିଲା। ଇଂରେଜମାନେ ବିଭାଜନ କର ଏବଂ ଶାସନକର ସିଦ୍ଧାନ୍ତକୁ ଗୁରୁତ୍ୱ ଦେଉଥିଲେ। ଏହି କାରଣରୁ ଇଂରେଜମାନେ ଭାରତବର୍ଷର ବିଶାଳ ଭୂଖଣ୍ଡକୁ ବିଭାଜିତ କରିବା ଆରମ୍ଭ କରି ଦେଇଥିଲେ ଓ ବଫର ଷ୍ଟେଟ ଗଠନ ଆରମ୍ଭ କରିଦେଲେ। ୧୮୭୬ରେ ଆଫଗାନିସ୍ଥାନକୁ ଭାରତରୁ ଅଲଗା କରିଦେଲେ, ୧୯୦୬ରେ ଭୁଟାନକୁ , ୧୯୩୫ରେ ଶ୍ରୀଲଙ୍କାକୁ, ୧୯୩୭ରେ ବର୍ମା ବା ଆଜିର ମ୍ୟାମାର ଏବଂ ୧୯୪୭ରେ ପାକିସ୍ଥାନ ରୂପରେ ଭାରତକୁ ପୁଣି ବୀଭାଜିତ କରିଥିଲେ ଇଂରେଜମାନେ। ୧୯୭୧ରେ ପାକିସ୍ଥାନ ବିଖଣ୍ଡିତ ହୋଇ ବଙ୍ଗଳାଦେଶ ସୃଷ୍ଟି ହେଲା।

୧୮୫୭ର କ୍ରାନ୍ତି ଯଦିଓ ଅସଫଳ ହୋଇଥିଲା କିନ୍ତୁ ଏହା ପରେ ଇଂରେଜମାନେ ତାଙ୍କ ଶାସନକୁ ଅଧିକ ଶସକ୍ତ କରିବା ଏବଂ ସ୍ଥାୟୀ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ପୁଲିସ ବ୍ୟବସ୍ଥା କରି କେବଳ ଯେ ଜାତି ଧର୍ମ ଏବଂ ଭାଷା ନାମରେ ବିଭାଜନ ଆରମ୍ଭ କରିଥିଲେ ତା ନୁହେଁ ଅପିତୁ ଦେଶାତ୍ମକ ସ୍ଥିତିକୁ ମଧ୍ୟ ବିଭାଜିତ କରିବା ଆରମ୍ଭ କରିଦେଇଥିଲେ। ଇଂରେଜଙ୍କ ଉଦେଶ୍ୟଥିଲା ଯଦି କୌଣସି ଏକ କ୍ଷେତ୍ର(ଅଞ୍ଚଳ)ରେ ସେମାନଙ୍କ ଶାସନ ବ୍ୟବସ୍ଥା ଦୁର୍ବଳ ହୋଇଯାଏ ତେବେ ଅନ୍ୟ କ୍ଷେତ୍ରକୁ ସେନା ନିୟନ୍ତ୍ରଣ କରି ପାରିବ। ଏହି ଉଦେଶ୍ୟ ନେଇ ସେମାନେ ବିଭାଜନ ଆରମ୍ଭ କରି ଦେଇଥିଲେ। ୧୮୭୬ରେ ଭାରତବର୍ଷର ସମୁଦାୟ କ୍ଷେତ୍ରଫଳ ୮୩ଲକ୍ଷ ବର୍ଗ କିଲୋମିଟର ଥିଲା ଓ କ୍ରମେ କ୍ରମେ ହ୍ରାସ ପାଇ ଏହା ୩୩ଲକ୍ଷ କିଲୋମିଟରରେ ରହିଗଲା। ଯଦି କେବଳ ୧୮୭୪ ରୁ ୧୯୪୭ର କଥା ଦେଖିବା ତେବେ ସେହି ସମୟ ଭିତରେ ଭାରତବର୍ଷର ୫ଲକ୍ଷ ବର୍ଗକିଲୋମିଟର ଭୂଭାଗ ଅଲଗା ହୋଇଯାଇଥିଲା।

ଭାରତବର୍ଷର ଅନ୍ତିମ ବିଭାଜନ ୧୯୪୭ ମସିହା ଅଗଷ୍ଟ ୧୪ ତାରିଖରେ ହୋଇଥିଲା। ଭାରତବର୍ଷର ଲୋକେ ଏବେବି ଭାବୁଛନ୍ତି ଯେ ପୂଜା ପଦ୍ଧତି ବଦଳିଲେ ପୂର୍ବଜ ବଦଳନ୍ତି ନାହିଁ କିମ୍ବା ରାଜନୈତିକ ପରିସ୍ଥିତି ବଦଳିଲେ ରାଷ୍ଟ୍ରଭାବ ମଧ୍ୟ ବଦଳିବା ଉଚିତ୍ ନୁହେଁ। ଏଇଥିପାଇଁ ଭାରତବର୍ଷର ଲୋକେ ଆଜି ବି ପାକିସ୍ଥାନ, ବଙ୍ଗଳାଦେଶ, ନେପାଳ, ମ୍ୟାମାର, ଶ୍ରୀଲଙ୍କା ଓ ତିବତ୍ ଆଦି ପ୍ରତି ଅତ୍ମିୟତାର ଭାବ ରଖିଛନ୍ତି। ଭାରତବର୍ଷରେ ଏମିତି ଅନେକ ସାମାଜିକ ସଂଗଠନ ଓ କୋଟି କୋଟି ଲୋକ ଅଛନ୍ତି ଯେଉଁମାନେ ଏବେବି ଆଶା ରଖିଛନ୍ତି ଯେ କେବେ ନା କେବେ ଭାରତବର୍ଷ ଅଖଣ୍ଡ ଭାରତବର୍ଷରେ ପରିଣତ ହେବ। ଏଥିପାଇଁ ଅନେ ସମୟରେ ଗଣମାଧ୍ୟମ ମାନଙ୍କରେ ଅଖଣ୍ଡ ଭାରତବର୍ଷର ଧ୍ୱନୀ ଶୁଣିବାକୁ ମିଳେ।


ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪





### ଅମଣିଷ
**ସିଦ୍ଧେଶ୍ୱର ତ୍ରିପାଠୀ**

ମଣିଷ ଭାବିଥାଏ ବଦଳିଯିବ
ଟିକିଏ ହସ ପାଇଁ ହସ ବାଣ୍ଟିବ
ସବୁରି ହୃଦୟରେ କରିବ ଘର
ସଭିଙ୍କ ପାଇଁ ସିଏ ହେବ ନିଜର ।

ହେଲେ ହୁଏନି କାହିଁ
ଖାଲି ଲୁହ ମିଳଇ
କେତେ ଦଣ୍ଡ ମିଳେ ଏଠି
ନକରି ଦୋଷ ।

ତେଣୁ ସେ ପାଲଟିଯାଏ
ଅମଣିଷ
ଅମଣିଷ ସେ ଅମଣିଷ
ଅମଣିଷ ସେ ଅମଣିଷ - -

ଆଖିରୁ ଲୁହ ନୁହେଁ ଝରଇ ନିଆଁ
ବିଷରେ ଭରିଯାଏ ଏଇ ଦୁନିଆ
ମାରି ମରିବା ପାଇଁ କରେସେ ପଣ
ଯେବେଠୁ ସୀମା ଡିଏଁ ସହିବା ଗୁଣ

ଆଉ ବୁଝିବ କିଏ
ଦୁଃଖ ଦରଦ ହାଏ
ନିଜେ ନିଜେ ଲଢ଼ିବାକୁ
ବାନ୍ଧେ ସାହସ
ଦୁନିଆଁ କହେ ତାକୁ ଅମଣିଷ
ଅମଣିଷ ସେ ଅମଣିଷ
ଅମଣିଷ ସେ
ଅମଣିଷ ।

ଖୋର୍ଦ୍ଧା

### ବର୍ଷା ବିହାର
**ସ୍ନିଗ୍ଧା ପଣ୍ଡା**

ପୃଥିବୀର ପ୍ରେମର ପ୍ରତିଧ୍ୱନି
ଆକାଶର ହୃଦୟରେ
ଜମାଟ ବାନ୍ଧିସାରିଥିବା ବରଫ ଟୁକୁଡା
ସବୁ
ପ୍ରଣୟ ଆକର୍ଷଣରେ
ଉଷ୍ମତାରେ ତରଳୁଛି
ଅନୁରକ୍ତିର ଚିକ୍‌ଚିକ୍ ବିନ୍ଦୁ ହୋଇ
ଆବେଗ ଓ ପ୍ରତିଆବେଗର ସଶବ୍ଦ
ସଂଘର୍ଷ
ମହାରୁଦ୍ର ପ୍ରଳୟର
ନୟନରେ ଅଗ୍ନିର ସ୍ଫୁଲିଙ୍ଗ
ତାଣ୍ଡବ ନିର୍ଘୋଷ ଅନନ୍ତ ଅନ୍ତରୀକ୍ଷରେ
ବସୁନ୍ଧରା ଶୀର୍ଣ୍ଣକାୟା ବୈଶାଖୀ
ବିଳାସେ
ନିର୍ଜିତା, ବର୍ଜିତା
ରୁକ୍ଷ ବକ୍ଷ ଫାଟି ପଡେ ଅଭିମାନେ,
ଅପମାନେ
କା' ଉତ୍ତପ୍ତ ଅତ୍ୟାଚାରେ
ଆକାଶ ବି ଖଣ୍ଡ ଖଣ୍ଡ
ସମବେଦନାରେ
ନିର୍ବିକାର ନୁହେଁ ଆଉ ସିଏ
କଙ୍କାଳରେ ଦେବାପାଇଁ ଜୀବନ୍ୟାସ
ଏବେ ତେଣୁ ମହାମନ୍ତ୍ର ସୃଷ୍ଟିର ପ୍ରତିଟି
ଶବ୍ଦରେ ?
ଜାଗ ଜାଗ ଅୟି ବସୁନ୍ଧରେ !
ସର୍ଜନାର ସମ୍ଭାର ସଜାଅ
ନିଖିଳ ଜୀବନେ ଉତ୍ତରଣ କର
ଶାକମ୍ଭରୀ
ପ୍ରତୀକ୍ଷାର ସମାପ୍ତିରେ
ଚାହଁଥରେ ପ୍ରୀତିପ୍ରଦା ନୟନରେ
ଅସୀମ ଆକାଶ ଆଡେ ?
ଉତ୍କଣ୍ଠିତ ଆଲମ୍ବିତ ଆକାଶର
ବାହୁମାନ
ସବୁଜଶ୍ରୀ ଆଙ୍କିଦେବାପାଇଁ
ବିଳମ୍ବ କାହିଁକି ଆଉ
ଚରାଚର ହେଉ ଶାପମୁକ୍ତି
ଜୀବନର ମହତ୍ତମ ଚର୍ଚ୍ଚା ପାଇଁ ?

ମୋ-୯୮୬୧୩୨୩୬୫୦

### ଆଇନା
**ଡିସମ୍ବର ମେହେର**



ଦେଖି ହୁଏ ଆପଣାର ପ୍ରତିବିମ୍ବ
ରଙ୍ଗରୂପ, ଗଠନ ଯୌବନ
ଜାଣିହୁଏ ମୁଁ କେତେ ସୁନ୍ଦର, ଶାନ୍ତ
ମନେମନେ ଭାବେ ମୁଁ ସରଳ,
ନିଷ୍କପଟ, ଉଦାର ।

କିନ୍ତୁ ଭାବନା ଓ ବାସ୍ତବତା ମଧ୍ୟରେ
ତଥାପ ଓ ଫରକ୍ ଅନେକ
କାଚ ଆଇନା ଜାଣେନି ସରଳତା
କଣ ?
ମାପି ପାରେନି ଉଦାରତାର
ଗଭୀରତା।

ରଙ୍ଗ ବଦଳାଉଥିବା ମଣିଷ
କାଚ ଆଇନାକୁ ଠକି ଦିଏ
ବାର୍ଦ୍ଧକ୍ୟରେ ବି ବୁଣିଦିଏ ଯୌବନ
ଛିଟା
ବୁଝିପାରେନି ହିଂସା ଅହଂକାରୀ
ପ୍ରକୃତି।

ତଥାପି ନିରିଖେଇ ନିରୀକ୍ଷଣ କରୁଛି
ସମାଜ ରୂପକ ଆଇନା
ବୁଝିପାରେ ଖଳ ଲୋକଙ୍କର ଛଳ
ସଫେଇ ଦିଏ ତୁମେ କେତେ
ମିଷ୍ଟଭାଷୀ।

ଜଗି ବସିଛି, ସମାଜ ଆଇନା
ସତର୍କ ହେଇଯାଅ ରେ ମାନବ
ଦାନବ ପ୍ରକୃତିକୁ ଛାଡି ହେଇଯା
ସାମାଜିକ
ଝଲସି ଉଠିବ ଆଇନାରେ ପ୍ରତିଛବି
ଏ ସମାଜ ଆଇନା .
ମିଛ କହେନା.. ମିଛ କହେନା ...

ଗଣ୍ଡାବାହାଲି
ନୂଆପଡା





# ଆତ୍ମଗର୍ବୀ କାଉ

## ସନ୍ତୋଷ କୁମାର ଅଦାବର



ଗୋଟିଏ ସ୍ଥାନରେ କିଛି କାଉ ରହୁଥିଲେ । ସେମାନଙ୍କ ମଧ୍ୟରେ ଗୋଟିଏ କାଉ ଥାଏ, ଯିଏ ଅନ୍ୟମାନଙ୍କଠାରୁ ବଡ଼ ବୋଲି କହୁଥାଏ ଏବଂ ଅନ୍ୟ କାଉମାନେ ତାକୁ ଭୟକରି ମାନୁଥାଆନ୍ତି । ତା'ର କର୍କଶ ସ୍ୱର ହେଲେ ବି ସେ ନିଜକୁ ସଙ୍ଗୀତର ସବୁ ଜାଣିଛି ବୋଲି ଭାବୁଥାଏ । ଅନ୍ୟ କାଉମାନଙ୍କ ଆଗରେ ଦେଖେଇ ହୁଏ। ଅନ୍ୟମାନେ ତାକୁ ଭୟ କରି ଖୁବ୍ ମଧୁର ସ୍ୱରରେ ଗୀତ ଗାଉଛ ବୋଲି ଉପରିଆ ପ୍ରଶଂସା କରିଥା'ନ୍ତି ।

ଦିନେ ସେହି ଜଙ୍ଗଲର ସବୁ ପକ୍ଷୀ ଏକାଠି ହୋଇଥାଆନ୍ତି । ସେଠାରେ ଚାଲିଥାଏ ସଙ୍ଗୀତ କାର୍ଯ୍ୟକ୍ରମ । କାର୍ଯ୍ୟକ୍ରମରେ ପକ୍ଷୀଙ୍କର ଅଂଶଗ୍ରହଣକାରୀ ମାନେ ଥାଆନ୍ତି। ବଗ, କାଉ, ଚଟିଆ, କୁମ୍ଭାଟୁଆ, ଶୁଆ, କୋଇଲି ଆଦି ଜଣ ଜଣ କରି ନିଜର ସଙ୍ଗୀତ ପରିବେଷଣ କରୁଥାଆନ୍ତି। କାର୍ଯ୍ୟକ୍ରମ ଶେଷରେ ଖୁବ୍ ମଧୁର ଏବଂ ରୁଚିକର ସ୍ୱରରେ ସଙ୍ଗୀତ ପରିବେଷଣ କରୁଥିବା କୋଇଲିର ଗୀତକୁ ସମସ୍ତେ ଭୁରି ଭୁରି ପ୍ରଶଂସା କରୁଥାଆନ୍ତି । ତା' ପଛକୁ ଶୁଆ, ଚଟିଆ, କୁମ୍ଭାଟୁଆଙ୍କର ସ୍ୱର ମଧ୍ୟ ଭଲ ଲାଗିଲା ବୋଲି ସେଠାରେ କୁହାକୁହି ହେଉଥାଆନ୍ତି । କିନ୍ତୁ ସେ କାଉଟିର ଗୀତକୁ ଆଦୌ ଭଲ ହେଲାନି ବୋଲି ସମସ୍ତେ କହୁଥାନ୍ତି । ସେଥିପାଇଁ କାଉଟିର ମନରେ ଯେତିକି ଦୁଃଖ ସେତିକି ଅପମାନିତ ହେଲା ଭଳି ଲାଗୁଥାଏ । ତଥାପି ସେ ନିଜ ସ୍ଥାନକୁ ଫେରିଲା ପରେ ନିଜର ପ୍ରଶଂସା ନିଜେ କରୁଥାଏ । କିନ୍ତୁ ଅସଲ ଅପମାନଟାକୁ ତା'ର ମନ ଭିତରେ ଚାପି ରଖିଥାଏ।

ଅନେକ ଦିନରୁ ସେ କାଉଟିର ମାଆ ଏସବୁ ଦେଖି ଆସୁଥାଏ । ତା ମାଆର କଥାକୁ ସେ ମାନିଥାଏ । ତେଣୁ ମାଆ କାଉଟି ଆଜି ତାକୁ କିଛି କହିବ ବୋଲି ପାଖକୁ ଡାକି କହିଲା- ପୁଅ, ମୁଁ ଦେଖି ଆସୁଛି ତୁ ଆମ ଏଠାରେ ଥିବା ଅନ୍ୟ କାଉ ମାନଙ୍କୁ ଭୟ କରାଇ ତୋର ଗୀତକୁ ପ୍ରଶଂସାକର ବୋଲି ଗୋଟିଏ ପ୍ରକାର ବାଧ୍ୟ କରୁଛୁ । ଏହା କିନ୍ତୁ ଠିକ୍ ନୁହେଁ । ଆମକୁ ପ୍ରକୃତି ଯେମିତି ସ୍ୱର ଦେଇଛି ତାକୁ କେହି ଭଲ ପାଆନ୍ତି ନାହିଁ । କର୍କଶ ସ୍ୱର କହନ୍ତି । ଆମ ସ୍ୱର କେବେ କୋଇଲିର ମଧୁର ସ୍ୱର ସହ ସମାନ ହେବ ନାହିଁ । ଏକଥା ମାନିବାକୁ ହେବ । ହଁ ମୁଁ ମାନୁଛି ଆମେ ସଭିଙ୍କୁ ସକାଳୁ ନିଦରୁ ଉଠାଉଛେ । ସେଇଟା ଆମ ପାଇଁ ପ୍ରକୃତିର ଦାନ । ତା'ଠାରୁ ଆଉ ଗୋଟିଏ ପ୍ରକୃତିର ଭଲ ଦାନ ହେଲା ଆମେ ଅପରିଷ୍କାର ପରିବେଶକୁ ସଫାସୁତୁରା ରଖୁଛେ । ଏଇ ଦୁଇଟି ଭଲ କାମକୁ କିପରି ଆମେ ଭଲ ଭାବରେ କରି ପ୍ରଶଂସିତ ହେବା ସେ ଚେଷ୍ଟା କରିବା । ନିଜର ବନ୍ଧୁ ପରିଜନ ସହ ଅନ୍ୟମାନଙ୍କଠାରେ ସୁସମ୍ପର୍କ ରଖିବା ଏବଂ କାହା ମନରେ ଭୟ ସୃଷ୍ଟି କରାଇବା ନାହିଁ । ତେବେ ସିନା ସବୁ ଠିକ୍ ହେବ ଏବଂ ସଭିଙ୍କର ଆଦରର ପାତ୍ର ହୋଇପାରିବା ।' ମାଆର ଏ କଥା ସବୁ କାଉଟିର ମନକୁ ପାଇଲା । ସେ ଆଉ ପୂର୍ବଭଳି ନ ହୋଇ ମାଆ କହିବା ଅନୁସାରେ ନିଜ ଜୀବନ ବିତାଇଲା । ସବୁ କାଉ ଏବଂ ଅନ୍ୟ ପକ୍ଷୀମାନଙ୍କର ସେ ପ୍ରିୟ ଭାଜନ ହୋଇପାରିଲା ।

+ସୁବର୍ଣ୍ଣପୁର,
ମୋ:୯୭୭୭୯୧୦୭୨୮

# କଜ୍ଜଳପତ୍ରୀ ଓ କାଉ

## ଶିବ ପ୍ରସାଦ ରାଉତ



ଶୀତଋତୁ ଚାଲିଯାଉଛି। ଗଛମାନେ କଅଁଳିବା ଆରମ୍ଭ କରିଦେଲେଣି।ବସନ୍ତର ସ୍ୱତଃ ଆଗମନର ମାହେନ୍ଦ୍ରା ସୂଚନା ପ୍ରକୃତିର ଶୋଭାକୁ ଦ୍ୱିଗୁଣିତ କରୁଥାଏ । କୋହଲା ପବନ ଏବେ ବସନ୍ତର ମଳୟ ପବନର ରୂପ ନେବାକୁ ଯାଉଛି। ପାଣ୍ଡୁରା ଧରଣୀ ପୃଷ୍ଠ ଏବେ କୁସୁମ କଳିରେ ସଜେଇ ଆସୁଛି। ଚୂହଟ ଚିକ୍କଣ କାଳିଆ ଦେହକୁ ଟିକେ ଉପୁନେଇ ଥିଲା କଜ୍ଜଳପତ୍ରୀ । କୁଲୁରୁ କୁଲୁ, କୁଲୁରୁକୁଲୁ ଟିକେ ଗାଇଦେଇ ପଇଁତରା ମାରୁଥିଲା। ହଠାତ୍ ? ତା'ର ମନେ ପଡ଼ିଗଲା, ଆରେ ବାପରେ ! ଏଇ ପାଖରେ ସେ ରାକ୍ଷସ ବାଜପକ୍ଷୀଟାର ବସା । ତା' ଦାଉରେ ତ କେହି ପକ୍ଷୀ ଏ ପଟକୁ ଆସନ୍ତି ନାହିଁ। ସମସ୍ତଙ୍କୁ ମାରି ଖାଇଗଲାଣି ସେ ବାଜ ।

କଜ୍ଜଳପତ୍ରୀ ଗହଳି ପତ୍ର ମଧ୍ୟରେ ଲୁଚି ରହି ବାଜଟା କେଉଁଠି ଅଛି ବୋଲି ଅନିଶା କରୁଥାଏ। ପବନର ସୁଅକାଟି ବାଜଟା ଉଡ଼ି ଆସିଲା ତା' ବସାକୁ। ଆରେ ! ଥଣ୍ଟରେ ସେ ଦୁଇଟା କଅଁଳା ପକ୍ଷୀଛୁଆ ଧରିଛି। ବଞ୍ଚିଛନ୍ତି ତ ସେମାନେ ନମାରି ନ ଖାଇ ଆଣିଛି କାହିଁକି ? ଆରେ ହଁ, ପେଟପୂରା ତ ସେଣେ ଖାଇକି ଆସିଛି, ଏ ଦୁଇଟାକୁ ଜଳଖିଆ କରିବାକୁ ଆଣିଛି ବୋଧେ । ବାଜଟା ବସାରେ ପକ୍ଷୀଛୁଆ ଦୁଇଟାକୁ ଫିଙ୍ଗିଦେଇ କୁଆଡ଼େ ପୁଣି ଉଡ଼ି ଚାଲିଗଲା। କଜ୍ଜଳପତ୍ରୀ ଉଙ୍କିମାରି ଦେଖିଲା, ଆହା ! କଅଁଳାଛୁଆ ଦୁଇଟା ପକ୍ଷୀ ଉଠିନାହିଁ, କାହାର ଛୁଆ ଜଣା ପଡୁନାହିଁ, ହୋଇରେ ତା' ମା' ଏମାନଙ୍କୁ ଖୋଜୁଥିବ । ଏ ନିଆଁଗିଲା ବାଜଟା ନିଷ୍ପାପ ଛୁଆଗୁଡ଼ାଙ୍କୁ ଖାଇଯିବ ସିନା । କଜ୍ଜଳପତ୍ରୀ ମନରେ ଦୟା ହେଲା। ଆପଣାଛାଏଁ ଉଡ଼ିଗଲା ବାଜର ବସାକୁ। ଉପରକୁ ଆଁ କରି ଅଧାର ଲୋଡୁଥିବା ପକ୍ଷୀଛୁଆ ଦୁଇଟାକୁ ତା' ଟିକି ଥଣ୍ଟରେ ଗୋଟେ ଗୋଟେ କରି ବୋହି ନେଲା ନିଜ ବସା କରିଥିବା ସେ କୋଚିଲାଗଛ ସନ୍ଧିକୁ ।

ପିଲା ଦୁଇଟିକୁ ପାଖରେ ପାଇ କଜ୍ଜଳପତ୍ରୀର ବାତ୍ସଲ୍ୟ ମମତା ଜାଗି ଉଠିଲା। ଉଡ଼ିଯାଇ ପୋକ,କୀଟ ଧରିଆଣି ଖୁଆଇଲା । ନିଜ ପକ୍ଷତଳେ ଢାଙ୍କିରଖି ଉଷୁମ ଦେଲା । ପିଲା ଦୁଇଟି ତାକୁ ମା' ମନେକରି ତା' ପାଖକୁ ଗୁଞ୍ଜି ଆସିଲାରୁ କଜ୍ଜଳପତ୍ରୀ ସ୍ୱର୍ଗୀୟ ସୁଖ ଅନୁଭବ କଲା। ମନେମନେ ଭାବିଲା କିଛିଦିନ ପୂର୍ବର କଥାକୁ । ଏପରି ତା'ର ମଧ ଦୁଇଟି ପିଲା ଥିଲା, ଖାଦ୍ୟ ଖୋଜି ସେଦିନ ଫେରିଲା ବେଳକୁ ବସାରେ ନ ଥିଲେ ସେମାନ। କେତେ ଖୋଜିଲା, କେତେ କାନ୍ଦିଲା ମାତ୍ର ପାଇଲାନି ତାଙ୍କୁ । ଆଜି ସତେ ପଶୁପତି ତା' ପିଲାଙ୍କୁ ଫେରେଇ ଦେଇଛନ୍ତି ।

ଦିନ ଗଡ଼ି ଚାଲିଲା। କଜ୍ଜଳପତ୍ରୀର ସେ ପାଳକା ପିଲା ଦୁଇଟି ବଢି ଚାଲିଲେ। ତା' ପାଖରେ ଅଳି,ଅଝଟ କଲେ । ତା' ପେଟତଳେ ଥଣ୍ଟଗୁଞ୍ଜି ଘୁମେଇ ପଡିଲେ, ସେ ଭୁଲିଯାଏ ନିଜ ଜୀବନର ଦୁଃଖକୁ। ବହୁତ ପରିଶ୍ରମ କରିବାକୁ ପଡୁଥାଏ ତାକୁ । ପିଲେ ବଢିଲେଣି, ବେଶୀ ଭୋକ ଲାଗୁଛି ତାଙ୍କୁ । ନିଜେ ନ ଖାଇ ସବୁ ଖୁଆଉଛି ସେମାନଙ୍କୁ, ଖଣ୍ଡିଉଡ଼ା ବି ଦେଲେଣି। ତା' ପରି ତ କଳା ହୋଇଛନ୍ତି, ହେଲେ ତା'ଠାରୁ ଯେ ତା' ପାଳକା ପିଲା ବହୁତ ବଡ଼ ଦେଖାଯାଉଛନ୍ତି। ତାଙ୍କ ଥଣ୍ଟ କ'ଣ ଏତେ ବଡ଼ ଓ ମୁନିଆ । ଆରେ ! ଏ କ'ଣ କା' କା' ରାବୁଛନ୍ତି। ସେ ଯାହା ହେଉ, ଏମାନେ ତ ମୋତେ ମା' ବୋଲି ଡାକୁଛନ୍ତି ଓ ମାନୁଛନ୍ତି। ମୋତେ ତ ସେ ପିଲା ଦୁଇଟା ଭରଷା କରିଛନ୍ତି।

ଦିନେ କଜ୍ଜଳପତ୍ରୀ ଆହାର ଖୋଜିଯାଇଛି। ସେହି ପିଲା ଦୁଇଟାଙ୍କ କା' କା' ଡାକ ଶୁଣି ମା' କାଉଟିଏ ସେ ବସାକୁ ଆସିଲା। କଜ୍ଜଳପତ୍ରୀ ବସାରେ ତା'ର ହଜିଯାଇଥିବା ପିଲା ଦୁଇଟାଙ୍କୁ ପାଇ ଆଶ୍ଚର୍ଯ୍ୟ ହୋଇଗଲା,କୁଣ୍ଢେଇ ପକେଇ କାନ୍ଦିଲା। ଠିକ୍ ଏହି ସମୟରେ ମା' କଜ୍ଜଳପତ୍ରୀ ଆହାର ନେଇ ଫେରି ଦେଖେ ତ, ତା' ବସାରେ ପିଲାଙ୍କ ପାଖରେ ଏ ମା' କାଉ ! କଜ୍ଜଳପତ୍ରୀ କିଛି କହିବା ପୂର୍ବରୁ ମା' କାଉ କାକୁତି କରି କହିଲା,'ଭଉଣୀ, ତୁମେ ମୋ ପିଲାଙ୍କୁ କେଉଁଠୁ ପାଇଲ ? ଏତେ ବଡ଼ କଲଣି, ମୁଁ ହତାଶ ହୋଇ ପଡ଼ିଥିଲି। ଯାହାହେଉ ଧନ୍ୟବାଦ। ତୁମ ଉପକାର ମୁଁ ସୁଝି ପାରିବିନି 'ମା' କଜ୍ଜଳପତ୍ରୀ ଥଣ୍ଟରେ ଆହାର ଧରି କିଛି କହୁନଥାଏ । କାଉ ନିଜକୁ ଅନୁତାପ କରି କହିଲା,'ମୁଁ ଦିନେ ତୁମ ବସାରୁ ତୁମର ଦୁଇଟା ପିଲାଙ୍କୁ ନେଇ ଖାଇଥିଲି, ସେଇ ରାଗ ରଖିଛ '। କଜ୍ଜଳପତ୍ରୀ କହିଲା, ଯାହା ହେବାର ତ ହେଲାଣି, ଏମାନଙ୍କୁ ମୁଁ ବାଜ ମୁହଁରୁ ଆଣିଥିଲି 'ଓ କାଉ କହିଲା,'ମୁଁ ତୁମ ପିଲାଙ୍କୁ ମାରିଲି, ତୁମେ ମୋ ପିଲାଙ୍କୁ ଯମ ମୁହଁରୁ ବଞ୍ଚେଇ ବଢେଇଛ । ମୋର ମରିଯିବାକୁ ଇଚ୍ଛା ହେଉଛି ଏହା କହି କଜ୍ଜଳପତ୍ରୀର ଗୋଡ଼ଧରି ପକେଇଲା। କଜ୍ଜଳପତ୍ରୀ କହିଲା,'ହଉ ତୁ ଆଉ ବ୍ୟସ୍ତ ନ ହୋଇ ତୋ ପିଲାଙ୍କୁ କୋଳକୁ ନେଇଯାଆ।

+ବଚ୍ଛଦା, ବାସୁଦେବପୁର, ଭଦ୍ରକ- ୭୫୬୦୪୬
ମୋ- ୯୪୩୭୭୯୬୬୨୧

## କବିତା
ତୁମ ପାଇଁ

### ଧେଇକି ଧିନା....
**ରାମଚନ୍ଦ୍ର ବେହେରା**

ଧେଇକି ଧିନା ଧେଇକି ଧିନା
କୁନା ଖେଳୁଥିଲା ବରଷାରେ ଭିଜି
ସର୍ଦ୍ଦି ଧରିନେଲା ଝଅଟ କିନା।

ଧେଇକି ଧିନା ଧେଇକି ଧିନା
ବରଷା କାଳରେ ଦେହକୁ ଅହିତ
ବାହାର ଦରବ ଖାଇବା ମନା।

ଧେଇକି ଧିନା ଧେଇକି ଧିନା
ବରଷା ସଂଜରେ ଭାରି ଭଲ ଲାଗେ
ମାଆଂକ ହାତର ପକୁଡି ଛଣା।

ଧେଇକି ଧିନା ଧେଇକି ଧିନା
ଆଗକୁ ଆସୁଛି କୃଷ୍ଣ ଜନ୍ମାଷ୍ଟମୀ
ଶ୍ରଦ୍ଧାରେ କରିବା ପୂଜା ଅର୍ଚ୍ଚନା।

ଧେଇକି ଧିନା ଧେଇକି ଧିନା
ନିତି ପାଠ ଯିଏ କରଇ ଅଭ୍ୟାସ
ଭଲ ଚାଟରେ ସେ ହୁଅଇ ଗଣା।

ଧେଇକି ଧିନା ଧେଇକି ଧିନା
କିଛି ଦିନ ପରେ ପରୀକ୍ଷା ଆସିବ
ନକରିବା ଆମେ ପଢାରେ ଊଣା।

ଧେଇକି ଧିନା ଧେଇକି ଧିନା
ଭଲ ପାଠ ପଢି ଭଲ କାମ କଲେ
ସୁନାର ଭାରତ ଗଢିବା ସିନା।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬





### ଭୋକିଲା ଭୁଆ
**ବିଜୟଲକ୍ଷ୍ମୀ ପାଣିଗ୍ରାହି**

ଭୁଆ ବିଲେଇ ମୁହଁ ଫୁଲେଇ
ବସିଅଛି ଆଟୁ ଉପରେ
ଚୁଲିରେ ପାଣି ଠୁଳ ହେଲାଣି
ଉଷୁମ କିଏ ଦେବରେ ?

ସୁତୁଲୀ ଅଖା ଦିଶୁନି ଶୁଖା
କେମିତି ଶୋଇବ ଆଜି
ଝଡି ବରଷା କାନ୍ଥ ସରସା
ଶେଜ ତା' ଯାଇଛି ଭିଜି।

ବଢି ପାଣିରୁ କେରାଣ୍ଡି ଆଣି
ହୋଇଛି ପିତା ଶୁଖୁଆ
ଶିକାରେ ରଖି ଦେଇଛି ଜେଜୀ
ଚାହିଁ ବସିଅଛି ଭୁଆ।

ପେଟରେ ଭୋକ ଆଖିରେ ନିଦ
ମିଆଁଉ ମିଆଁଉ କାନ୍ଦ
କ୍ଷୀର ଗିନାଟେ ଦେଖାଇ ଜେଜୀ
କହିଲା ତାହାକୁ ବାନ୍ଧ।

ଭୁଆ ଜାଣିଲା ସବୁ ଇସାରା
ଛଟକେ ମାରିଲା ଡିଆଁ
ବାହାରେ ବର୍ଷା ରାଜୁଛି ଦେଖି
ଦୁଆରେ ହୋଇଲା ଠିଆ।

+ଜୟପୁର, କୋରାପୁଟ
ମୋ -୮୨୪୯୪୫୦୦୫୦

### ଶରତରେ ମେଘ ଝଡ଼େ
**ନୀଳମଣି ଚାନ୍ଦ**

ପିଲାଦିନେ 'ବର୍ଣ୍ଣବୋଧ' ପଢ଼ିଥିଲି
ଏବେ ବି ରହିଛି ମନେ
'ଭାଦ୍ର ଆଶ୍ୱିନ ଶରତରେ' ଧାଡ଼ି
ଶୁଭେ ବାର ବାର କର୍ଣ୍ଣେ
ଭାଦ୍ରବ ତ ଆସିଗଲା
ହେଲେ ନିରିମଳ ଶୋଭା ଜଗତର
କାହିଁ ନ ଦିଶଇ ଭଲା ।

ଖଣ୍ଡ ଖଣ୍ଡ ଧଳା ବଉଦ ଭାସୁନି
କାଶତଣ୍ଡୀ ଫୁଟି ନାଇଁ
ବରଷା ବରଷେ ଶିରାବଣ ପରି
ଜାଣିହୁଏ ଦେଲେ ଚାହିଁ
ଗୋଳି ଦିଶେ ନଈ ଧାର
ଶରତ ଋତୁରେ କୁଆଡ଼େ ଗଲାରେ
ଅଭ୍ର ପରି ରୂପ ତା'ର।

ବରଷାଟା ଅଛି ଆସ୍ଥାନ ଜମେଇ
ଶରତ ପାଉନି ବାଟ
ବୁଝିଲି ଧରାର ଉତ୍ତାପ ବଢୁଛି
ଜଳବାୟୁ ଦିଏ ଛାଟ
ଋତୁରେ ପ୍ରଭାବ ପଡ଼େ
ବସନ୍ତରେ ଥାଏ ଶୀତର ରାଜୁତି
ଶରତରେ ମେଘ ଝଡ଼େ।

+ ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

### କୁନା ହେଲା ସୁନା ପିଲା
**ଝରଣା ବାରିକ**

କୁନା ବୋଲି ଥିଲା ପିଲାଟିଏ
ବାପା ମାଆଙ୍କର ଗେହ୍ଲା ସିଏ
ନିତି ଯାଉଥିଲା ପାଠ ପଢି
ବସୁଥିଲା ଯାଇ ପଛ ଧାଡ଼ି
ଯାହା ପଚାରିଲେ କିଛି ଆସେନାହିଁ
ତଳକୁ ଦିଏ ସେ ମୁହଁ ମାଡି।

ଏହିପରି କେତେ ଦିନ ଗଲା
ମାଷ୍ଟରଙ୍କ ଆଖି ପଡ଼ିଗଲା
କହିଲେ କୁନାକୁ ଠିଆ ହେଇ
ଯାହା ପଚାରିବି ଦେବୁ କହି
ମୁଣ୍ଡ ଟୁଙ୍ଗାରି କି ହଁ କରି କୁନା
ଚୁପ୍ ଚାପ୍ ଗଲା ଠିଆ ହେଇ

ଗୁରୁଜୀ ପଚାରୁଥିଲେ ପ୍ରଶ୍ନ
ପାଠରେ ନଥିଲା କୁନା ମନ
ଇଆଡେ ସିଆଡେ ଚାହୁଁ ଥିଲା
ମନେ ମନେ କ'ଣ ଗପୁଥିଲା
ଉତ୍ତର ନ ଦେବା କାରଣରୁ କୁନା
ପିଠିରେ ଦି ଛାଟ ବସିଗଲା।

ସେହି ଦିନ ଠାରୁ ସେହି ପିଲା
ପାଠ ଘରେ ତାଲା ପକାଇଲା
ପାଠ ନାଁ ଶୁଣିଲେ ଭୟ ପାଇଁ
କମ୍ବଳ ଘୋଡ଼େଇ ଯାଏ ଶୋଇ
ମାଡ଼ର ଭୟରେ ଇସ୍କୁଲ ନ ଯାଇ
ଜଗୁଥିଲା ପଲେ ଛେଳି ଗାଇ।

କେହିବି ଆଦର କଲେ ନାହିଁ
ସାଙ୍ଗ ସାଥି ଗଲେ ଦୂର ହୋଇ
ମନେ ମନେ କୁନା ଭାବୁଥାଇ
ପାଠ ପଢିବି ମୁଁ ମନ ଦେଇ
ଯାହା ପଚାରିବେ ଗୁରୁଜୀ ଗୁରୁମା
ଠିକ ଠିକ୍ ସବୁ ଦେବି କହି।

କୁନା ଗଲା ଏବେ ପାଠ ପଢି
ବସିଗଲା ଯାଇ ଆଗ ଧାଡି
ମନ ଦେଇ ସବୁ ଶୁଣୁଥାଏ
ସବୁ ପ୍ରଶ୍ନ ର ସଠିକ୍ ଉତ୍ତର
ଅବିଳମ୍ବେ ସିଏ କହି ଦିଏ।

କୁନା ଏବେ ସୁନା ପିଲା ହେଲା
ସଭିଙ୍କ ଆଦର ସାଉଁଟିଲା
ସାଙ୍ଗ ମାନଙ୍କର ପ୍ରିୟ ହୋଇ
ପାଠ ପଢୁଥିବା ମନ ଦେଇ
ସମସ୍ତଙ୍କୁ ସିଏ ପଛରେ ପକାଇ
ପ୍ରଥମ ସ୍ଥାନରେ ଗଲା ରହି।

ସମଲ, ତାଳଚେର, ଅନୁଗୋଳ
ମୋ: ୯୫୫୬୮୪୬୯୩୨

### ମାଆର ମମତା
**ଅନନ୍ତ କୁମାର ସେନାପତି**

ମାଆ ସହି ପାରେ ସକଳ ବେଦନା
ଆସଇ ଯେତେ
ଯାହାର ହୃଦୟ ଆକାଶ ଠୁଁ
ବଡ଼ କଅଁଳ ସେତେ ।

ମାଆ ଦେଇପାରେ ସରଗର ସୁଖ
ଯେଉଁଠୁ ଆଣି
ଯେତେ ଖୋଜିଲେ ବି ତାହାର
ଠିକଣା ପାରୁନା ଜାଣି ।

ମାଆ ଛୁଇଁ ପାରେ ସାତ ତାଳ ପାଣି
ଭଅଁର ପେଡ଼ି
ଶିଖିଛି ସେଥିରୁ ସହଜେ
କିପରି ଆଣିବ କାଢ଼ି ।

ମାଆ କହିପାରେ କେଉଁ ଦରବଟି ଅତି ଆପଣା
ସେପାଇଁ ଉପାୟ ସଦା ଖୋଜୁଥାଏ
ନ ହୋଇ ବଣା ।
ମାଆ ଧାଇଁ ପାରେ ପକ୍ଷୀ ପରି
ନିତି ଆହାର ପାଇଁ
ଯେତେ କଷ୍ଟ ହେଉ
ଶାବକ ଚଞ୍ଚୁରେ ଦେବ ଯୋଗାଇ ।

ମାଆ ଯାଇପାରେ ଯେତେ ଦୂର
ହେଉ ଆକାଶ ଚାନ୍ଦ
ବୁଝାଇ ପାରେ ସେ ଶରଧା
ମନରେ ଭଲ ଓ ମନ୍ଦ ।

ସକାଳରୁ ସଞ୍ଜ ବୁଝି ଥାଏ ମାଆ ମନର କଥା
ସୁନା, ରୂପା, ହୀରା
ଦେଇ ପାରିବ କି ମାଆ ମମତା।

+ବାଣ୍ଟୁପଡା, ରେଲୱେ ସାଇଡିଙ୍ଗ,
ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

### ଶେଯରୁ ଉଠ ମଣିଷ ଭାଇ
**ଶରତ କୁମାର ଦାସ**

ଉଡିଉଡିକା ଆସିଲା କାଉ
ବସିଲା ଚାଳେ ଯାଇ,
କହିଲା-'ଉଠ ନକରି ମଠ
ଉଠ ମଣିଷ ଭାଇ ।

ଅନ୍ଧାର ପରା ଗଲାଣି ହଟି
ରାତି ଗଲାଣି ପାହି,
ଅଳସ ଛାଡି ଉଠ ଝଟତି
ଶୋଇରହିଛ କାହିଁ ?

ସୂରୁଯ ଦେବ ଦେଖାଦେଲେଣି
ହସିଲାଣି ତ ଧରା,
ଚଉଦିଗରେ ପଡିଲାଣି ତ
ସୁନାରଙ୍ଗର ଖରା ।

ଭାରି ବଢିଆ ଦିଶୁଛି ମହୀ
ବାସୁଛି ଫୁଲ ଫୁଟି,
ଦେଖରେ ଦେଖ ଥରୁଟି ଦେଖ
ସହଳ ଶେଯୁ ଉଠି ।

ଚଷାଭାଇ ହେ, ବିଲକୁ ଯାଅ
କାମରେ ଦିଅ ମନ,
ଫସଲ କରି ଭୋକିଲା ପେଟେ
ଦିଅ ମୁଠାଏ ଅନ୍ନ ।

ପିଲାଏ ତମେ ନକରି ଡେରି
ବହି ବସ୍ତାନି ଖୋଲ,
ଠିଇକ ପଢ ଠିଇକ ଲେଖ
ମାନ ମୋହର ବୋଲ ।

ସଭିଏ ଯାଅ ନିଜ କାମରେ
ଅଳସୁଆମି ଛାଡ,
ନୂଆ ସପନ ଆଖିରେ ଭରି
ଆଗକୁ ବାଟ କାଢ଼ ।'

ଏତେ ସକାଳୁ ଡାକୁଛି କିଏ
ଭାବିଲା ଧୀରେ ମାନୀ,
ଝରକା ଫାଙ୍କେ ଦେଖିଲା ସିଏ
ଡାକୁଛି କାଉ ନାନୀ ।

କାଉକୁ ଦେଖି ଟିକି ଝିଅଟି
ଟିକେ ଲାଜେଇ ଗଲା
ଆଜିଠୁ ତମ କଥା ମାନିବି
କହି ଶପଥ କଲା ।

ଅତି ଖୁସିରେ ଚାହିଁଲା କାଉ
ରାବିଲା କାଆ କାଆ,
ତଳକୁ ଆସି କହିଲା ହସି
ବାଃ'ରେ ମାନୀ ବାଃ' ।

+ବିଭାଗ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ଡିଗ୍ରୀ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ମହିଳାଙ୍କୁ ବଳାତ୍କାର ଉଦ୍ୟମ: ଥାନାରେ ମାମଲା

## ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଯୁଗ୍ମ ଶୁଣାଣିରେ ଦୃଷ୍ଟି ଆକର୍ଷଣ: ନ୍ୟାୟ ପାଇଁ ପ୍ରାର୍ଥନା

ଜଳେଶ୍ୱର ,୨୩/୦୮ (ନି.ପ୍ର): ଜଳେଶ୍ୱର ଥାନା ଅଧିନ ରାୟାଁ ରାମଚନ୍ଦ୍ରପୁର ଗ୍ରାମର ଜଣେ ହରିଜନ ମହିଳାଙ୍କୁ ସେହି ଗାଁ ଜଣେ ଯୁବକ ବଳାତ୍କାର କରିବା ଉଦ୍ୟମ ସଂପର୍କରେ ଥାନାରେ ମମଲା ହୋଇଥିଲେ ମଧ୍ୟ ଅଭିଯୁକ୍ତ ଧରାପଡିନଥିବାରୁ ମହିଳା ଓ ତାଙ୍କ ଶାଶୁ ଜଳେଶ୍ୱର ପଂଚାୟତ ସମିତିଠାରେ ହୋଇଥିବା ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଶୁଣାଣିରେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଘଟଣାରୁ ପ୍ରକାଶ, ରାୟାଁ ରାମଚନ୍ଦ୍ରପୁର ଗ୍ରାମର ଦିନବଂଧୁ ସେଠୀ ପୁନା ଠାରେ ଏକ କମ୍ପାନୀରେ କାର୍ଯ୍ୟ କରି ଆସୁଥିବା ବେଳେ ଘରେ ନିଜ ସ୍ତ୍ରୀ, ମା ଓ ବୃଦ୍ଧ ବାପା ସହିତ ୩ ନାବାଳିକା ରହିଆସୁଥିଲେ । ଗତ ଜୁଲାଇ ମାସ ୩ ତାରିଖ ରାତି ୧୦.୩୦ ସମୟରେ ସେମାନେ ଶୋଇଥିବା ବେଳେ ରତନ ଦାସ ନାମକ ଜନୈକ ଯୁବକ ଘରେ ପ୍ରବେଶ କରି ତାର ସ୍ତ୍ରୀକୁ ଜବରଦସ୍ତ ବଳାତ୍କାର ଉଦ୍ୟମ କରିଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଥିଲା । ଏ ସଂପର୍କରେ ରତନ ଦାସଙ୍କ ପରିବାରବର୍ଗଙ୍କୁ ଜଣାଇବାରୁ ତାର ବାପା, ମା ଓ ଭାଇ ପିଡିତା ଓ ତାର ଶାଶୁକୁ ଅଶାଳୀନ ଗାଳିଗୁଲଜ ସହିତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏ ସଂପର୍କରେ ଜଳେଶ୍ୱର ଥାନାରେ ୫-୭-୨୪ରେ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ଗାଁରେ ବୁଲୁଥିବା ସେମାନେ ଅଭିଯୋଗ ଆଣି ଗତ ୧୨ ତାରିଖରେ ଥିବା ଯୁଗ୍ମ ଶୁଣାଣୀରେ ଲିଖିତଭାବେ ଦର୍ଶାଇଛନ୍ତି । ସେମାନଙ୍କୁ ନ୍ୟାୟ ମିଳୁନଥିବାରୁ ଏବଂ ସେମାନଙ୍କୁ ଫୋନ ଯୋଗେ ଧମକ ମିଳୁଥିବାରୁ ପଳିଥିନ ତଳେ ବାସ କରୁଥିବା ଜନୈକ ମହିଳାଙ୍କୁ ସୁରକ୍ଷା ଯୋଗାଇଦେବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।

# ବାରିପଦାଠାରେ କୃଷି ବିଭାଗ ପକ୍ଷରୁ ଅନୁଷ୍ଠିତ ହେଲା ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ




ବାରିପଦା,୨୩/୦୮ (ନି.ପ୍ର): କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କର ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ (‘ପ୍ଲାଣ୍ଟ ଫର ମଦର’) ଅନ୍ତର୍ଗତ, ବୃକ୍ଷରୋପଣ ଅଭିଯାନ ଅବସରରେ ଗୁରୁବାର ପୂର୍ବାହ୍ନରେ ଜିଲ୍ଲା ଉଦ୍ୟାନ କୃଷି ବିଭାଗ ତରଫରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଏବଂ ବାରିପଦା ବନଖଣ୍ଡ ଅଧିକାରୀ ଶ୍ରୀ ଏ. ଉମା ମହେଶ ଯୋଗ ଦେଇ, ଦେବେନ୍ଦ୍ରପୁର ଅଂଚଳ ନିକଟସ୍ଥ ଉଦ୍ୟାନରେ ଚାରା ରୋପଣ କରି ଗଛ ପ୍ରଜ୍ଞାବାରଣ ପାଇଁ କେତେଯେ ଉପାଦେୟ ସେ ବିଷୟରେ ଆଲୋକପାତ କରିଥିଲେ।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ କହିଥିଲେ, ‘ ଯେପରି ମା’ ଆମ ଜୀବନର ପ୍ରମୁଖ ଅଂଶବିଶେଷ ସେହିଭଳି ବୃକ୍ଷ ମଧ... ଏଣୁ ବୃକ୍ଷ ବଞ୍ଚି ରହିଲେ ବିଶ୍ୱ ତିଷ୍ଠି ରହିବ ଏବଂ ପ୍ରକୃତିର ସୁରକ୍ଷା ଆମର ଦାୟିତ୍ୱ।‘ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ସହିତ ବହୁ ସ୍ୱେଚ୍ଛାସେବୀ ସଂଗଠନ ମଧ ଯୋଡି ହୋଇ ଏହି ଅଭିଯାନକୁ ସଫଳ କରିବା ପାଇଁ ସେ ଅନୁରୋଧ କରିଥିଲେ। ଏହା ଏକ ସୁନ୍ଦର ଅଭିଯାନ ହୋଇଥିବାରୁ ଏହି କାର୍ଯ୍ୟକ୍ରମକୁ ଜନାଦୃତ କରିବା ନିମନ୍ତେ ସମସ୍ତେ ନିଜ ମା’ଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ଜିଲ୍ଲାପାଳ ଶ୍ରୀ ମହେଶ ନିବେଦନ ମଧ କରିଛନ୍ତି। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ, ଜିଲ୍ଲା ଉଦ୍ୟାନ ବିଭାଗ ଉପ-ନିର୍ଦ୍ଦେଶକ ଶ୍ରୀ ଟଙ୍କଧର କାଲୋ, କୃଷିବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ, ଡଃ ସଂଘମିତ୍ରା ପଟ୍ଟନାୟକ, ଜିଲ୍ଲା କୃଷି ବିଭାଗୀୟ ଉପ-ନିର୍ଦ୍ଦେଶିକା ମଧୁସ୍ମିତା ଜେନା,ବିଭାଗୀୟ ବନଖଣ୍ଡ କର୍ମକର୍ତ୍ତା, ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ମହିଳା କର୍ମୀ ମାନେ ଉପସ୍ଥିତ ରହି ବିଭିନ୍ନ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ଭଳି ପ୍ରାକୃତିକ ସୌନ୍ଦର୍ଯ୍ୟ ଘେରା ଅଂଚଳରେ ବୃକ୍ଷର ଆବଶ୍ୟକ ଯେତିକି ବନ୍ୟପ୍ରାଣୀଙ୍କ ର ଆବଶ୍ୟକ ମଧ ସେତିକି। ଏଣୁ ସରକାରଙ୍କର ଯେଉଁ ‘ମାଆ ପାଇଁ ଗଛ ଟିଏ‘ ବା ଏକ ପେଡ ମା କେ ନାମ‘ ଏହି ଯୋଜନାକୁ ସଫଳ ରୂପାୟନ ଦେବା ପାଇଁ ଆମେ ସଦା ସର୍ବଦା ଚେଷ୍ଟିତ ରହିବା ବୋଲି କହିଥିଲେ। ସୂଚନାଯୋଗ୍ୟଯେ, ଆଜିର ଏହି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଯୋଜନାରେ ୨୦୦ରୁ ଉର୍ଦ୍ଧ୍ୱ ଚାରା ଦେବେନ୍ଦ୍ରପୁର ଠାରେ ରୋପଣ କରାଯାଇଛି ଏବଂ ଏହାର ଯତ୍ନ ନେବାପାଇଁ ମଧ ବିଭାଗୀୟ କର୍ମକର୍ତା ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରକାଶ ଥାଉକି ବିଶ୍ୱ ପରିବେଶ ଦିବସ ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ଏକ ପେଡ ମା କେ ନାମ ( ମା ପାଇଁ ଗଛଟିଏ) କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଜ୍ୟରେ ମଧ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଆହ୍ୱାନ କରିଥିଲେ।

## ବଜ୍ରାଘାତରେ ଫାଟିଗଲା ମନ୍ଦିର

ବାଲିଆପାଳ ,୨୩/୦୮ (ନି.ପ୍ର): ବାଲିଆପାଳ ବ୍ଲକ ଜମ୍ପୀରାଇ ପଞ୍ଚାୟତ ସୁନ୍ଦର କୁଇଲି ଗ୍ରାମରେ ଥିବା ଶିବ ମନ୍ଦିର ରେ ଗୁରୁବାର ବଜ୍ରପାତ ହୋଇଛି। ବଜ୍ରାଘାତ ଯୋଗୁଁ ମନ୍ଦିର ଫାଟି ଆଁ ହୋଇଛି। ମନ୍ଦିରର ଗର୍ଭ ଗୃହ ମଧ କ୍ଷତିଗ୍ରସ୍ତ ହୋଇଛି। ତେବେ ବଜ୍ରପାତ ଯୋଗୁଁ କେହି ମୃତାହତ ହୋଇ ନାହାଁନ୍ତି। ଏହା ଜାଣିଲା ପରେ ଗ୍ରାମ ବାସୀ ମନ୍ଦିର ପରିସରରେ ଏକାଠି ହୋଇଥିଲେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୃକ୍ଷରୋପଣ




ନୀଳଗିରି,୨୩/୦୮ (ନି.ପ୍ର): ଓଡିଶା ସରକାରଙ୍କ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ଔପଦା ବ୍ଲକ ଦକ୍ଷିଣ ନରସିଂହପୁର ପଞ୍ଚାୟତ ରାଜନଗର ଗ୍ରାମ ପଡ଼ିଆ ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ବ୍ଲକ ଦୁଇ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଉଷାରଣୀ ରାଉଳ ଯୋଗ ଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟ ମାନଙ୍କ ମଧରେ ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ଜେନା,ପଞ୍ଚାୟତ ଏକଜ୍ୟୁଟିଭି ଅଫିସର ସୁକାନ୍ତ କୁମାର ପ୍ରଧାନ, ୱାର୍ଡ଼ ସଭ୍ୟ ଦିବାକର ମଲ୍ଲିକ, ନାଏବ ସରପଞ୍ଚ ଶୁଚିସ୍ମିତା ଜେନା, ଏଡିଓ ସୁବାସିନୀ ବେହେରା, ଏମ୍ପିକେ ନିୟତି ଜେନା, ଇସି ମେମ୍ବର ଜ୍ୟୋତିରାଣୀ ପାତ୍ରୀ ଏବଂ ସ୍ଥାନୀୟ ଗ୍ରାମବାସୀ ହରିହର ପଣ୍ଡା, ପ୍ରହଲ୍ଲାଦ ବିନ୍ଧାଣି, ଦିବାକର ବିନ୍ଧାଣି, ସମାଜସେବୀ ସମର ଶଙ୍କର କାନୁନଗୋ, ଦାମୋଦର ମହାଳିକ, କାର୍ତ୍ତିକ ରାଉତ, ସନ୍ତୋଷ କୁମାର ପଣ୍ଡା ଆଜିର ବୃକ୍ଷରୋପଣ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ଗଛ ଲଗାଇଥିଲେ ।

## କାଗଜ କଳ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳମାନଙ୍କୁ ସ୍ମାରକପତ୍ର ପ୍ରଦାନ

ଜୟପୁର,୨୩/୦୮ (ନି.ପ୍ର): ଆଜି ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ଓ ସଂଘ ମାନଙ୍କର ପ୍ରତିନିଧି ମାନେ କୋରାପୁଟ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିବା ସହ ନିବେଦନ କରିଛନ୍ତି ଯେ, କାରଖାନାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସହ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପାଇଁ କମ୍ପାନୀ ର ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟ ମାନଙ୍କୁ ଡକାଇ ମିଳିତ ବୈଠକ ଆୟୋଜନ କରିବା ପାଇଁ ପଦକ୍ଷେପ ନିଆଯାଉ । ଗତ ଜୁଲାଇ ମାସ ୨୦ ତାରିଖ ଠାରୁ କାରଖାନା ର ଉତ୍ପାଦନ ବନ୍ଦ ରହି ଥିବା ବେଳେ ଶ୍ରମିକ ମାନଙ୍କୁ ଛ’ ମାସ ହେଲା ଦରମା ମିଳି ନାହିଁ । ଜୟପୁର ଅଂଚଳରେ ଅବସ୍ଥିତ ଏକ ମାତ୍ର ବୃହତ୍ ଶିଳ୍ପ ସେବା କାଗଜ କଳ ନୂଆ କମ୍ପାନୀ କୁ ୨୦୨୦ ରେ ବିକ୍ରି ହେଲା ପରେ କେବଳ କଂଚାମାଲ୍ ଅଭାବ ପାଇଁ କାରଖାନା ଅଧିକାଂଶ ଦିନ ବନ୍ଦ ରହୁଛି । ଅବସରପ୍ରାପ୍ତ ଶ୍ରମିକ ମାନଙ୍କ କୌଣସି ବକେୟା ପାଉଣା ମିଳୁ ନାହିଁ । ଜିଲ୍ଲାପାଳ ସ୍ମାରକ ପତ୍ରକୁ ବିଚାରକୁ ନେଇ କହିଛନ୍ତି ଯେ, କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ । ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଆଇନଗତ ପାଉଣା ପାଇଁ କେସ୍ ରୁଜୁ କଲେ ସରକାରୀ ସହାୟତା ସହ ଶୀଘ୍ର ନ୍ୟାୟ ଦେବା ପାଇଁ ବ୍ୟବସ୍ଥା କରାଯିବ । ପ୍ରକାଶ ଯୋଗ୍ୟ ଯେ ଗ୍ରାଚ୍ୟୁଇଟି କେସ୍ ରେ ଯୁଗ୍ମ ଶ୍ରମ କମିଶନର ଅର୍ଡର୍ ଦେବା ପରେ ମଧ ମ୍ୟାନେଜମେଂଟ ବର୍ଷ ବର୍ଷ ଧରି ଅଣଦେଖା କରୁଛି ।

# ବାରିପଦାରେ ଗଡ଼ିଲା କୌଶଳ ରଥ




ବାରିପଦା,୨୩/୦୮ (ନି.ପ୍ର): ଛାତ୍ରଛାତ୍ରୀମାନଙ୍କର କୌଶଳ ଭିତ୍ତିକ ଶିକ୍ଷାରେ ଆଗ୍ରହ ବଢାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତରଫରୁ ଶୁଭାରମ୍ଭ କରାଯାଇଥିବା କୌଶଳ ରଥ ସମଗ୍ର ରାଜ୍ୟ ପରିଭ୍ରମଣ କରୁଛି । ଅତ୍ୟାଧୁନିକ ଜ୍ଞାନକୌଶଳରେ ଖଚିତ ଏହି କୌଶଳ ରଥ ଚଳିତ ମାସ ୧୯ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ମୟୂରଭଞ୍ଜ ଜିଲ୍ଲାରେ ଗଡ଼ିବ। ସୂଚନା ଯୋଗ୍ୟ ଯେ,୧୯ ତାରିଖରେ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ ଠାରୁ ଏହି ରଥ ନିଜ ଯାତ୍ରା ଆରମ୍ଭ କରିଥିବା ବେଳେ ଗୁରୁବାର ଦିନ ଜିଲ୍ଲାର ସଦର ମହକୁମା ବାରିପଦାର ତକତପୁର ଠାରେ ସ୍ଥିତ ସରକାରୀ ବୈଷୟିକ ତାଲିମ ପ୍ରତିଷ୍ଠାନ କେନ୍ଦ୍ର ଠାରୁ ବାହାରି ଲକ୍ଷ୍ମୀପୋସି, ଝାରପୋଖରିଆ, ବାଙ୍ଗିରିପୋଷି ଅଭିମୁଖେ ଯାତ୍ରା କରି ଆସନ୍ତା କାଲି କପ୍ତିପଦା ସବଡ଼ିଭିଜନ ଠାରେ ଏହି ରଥ ଏହାର ସମଗ୍ର ଜିଲ୍ଲା ଯାତ୍ରା ସମାପ୍ତ କରିବ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଏହି କୌଶଳ ରଥର ଯାତ୍ରା ଶୁଭାରମ୍ଭ କରିଥିଲେ। ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ଏହି ରଥ ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ବିଦ୍ୟାଳୟ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କୁ ସଚେତନ କରୁଛି। ଆଜି ତୃତୀୟ ଦିନରେ ଏହା ବିଭିନ୍ନ ହାଇସ୍କୁଲ, କଲେଜ ଗସ୍ତ କରି ସେହିସବୁ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲା। ଏହି କାର୍ଯ୍ୟକ୍ରମରେ, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ନିଯୁକ୍ତି ଅଧିକାରୀ ଶ୍ରୀ ଆଶିଷ କୁମାର ବସନ୍ତିଆଙ୍କ ସମେତ ସରକାରୀ ବୈଷୟିକ ତାଲିମ ପ୍ରତିଷ୍ଠାନ କେନ୍ଦ୍ରର ଛାତ୍ରଛାତ୍ରୀ ମାନେ ଯୋଗଦେଇ ଥିଲେ। ସୂଚନାଯୋଗ୍ୟ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଆସନ୍ତାକାଲି ଏହା କପ୍ତିପଦା ଓ ଖୁଣ୍ଟା ଅଂଚଳ ଗସ୍ତ କରିବ।

# ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଶିବିର




ବାଲେଶ୍ୱର,୨୩/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମଞ୍ଚର ସଦସ୍ୟ ଓ ସଦସ୍ୟାମାନଙ୍କ ପାଇଁ ଜରାରୋଗ ସମ୍ପର୍କିତ ସ୍ନାୟୁ, ହୃଦ୍ ଓ ମୂତ୍ରାଶୟଜନିତ ରୋଗର ପରୀକ୍ଷା ଓ ନିଦାନ ପାଇଁ ରାଜ୍ୟ ମହାସଂଘର ସହାୟତାରେ ଏକ ବିଶେଷ କାର୍ଯ୍ୟକ୍ରମ ଆସନ୍ତା ରବିବାର ଦିନ ପୂର୍ବାହ୍ନରେ ଅନୁଷ୍ଠିତ ହେବ। ସ୍ଥାନୀୟ ନୃତ୍ୟ-ସଙ୍ଗୀତ-କଳା ମନ୍ଦିର ପରିସରରେ ଦିବା ୧୦ଟା ସମୟରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହେବ। ଉପରୋକ୍ତ ତିନୋଟି ବିଭାଗର ଭୁବନେଶ୍ୱରସ୍ଥିତ ସନ୍‌ସାଇନ୍ ହସ୍ପିଟାଲ୍‌ର ବରିଷ୍ଠ ବିଶେଷଜ୍ଞ ଡାକ୍ତରମାନେ ଓ ସ୍ୱାସ୍ଥ୍ୟକର୍ମୀମାନେ ଯୋଗ ଦେବେ। ଏଥିପାଇଁ ଗୁରୁବାର ଦିନ ମଞ୍ଚର ନିଜସ୍ୱ କାର୍ଯ୍ୟାଳୟରେ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମଞ୍ଚର କର୍ମକର୍ତ୍ତା ସର୍ବଶ୍ରୀ କମଳାକାନ୍ତ ବେହେରା, ସୀତାରାମ ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ ଓ ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଜିଲ୍ଲା ସମ୍ପାଦକ ଦାମୋଦର ନାୟକ ପ୍ରସ୍ତୁତି ସମ୍ପର୍କରେ ବିଶଦ ବିବରଣୀ ବୈଠକରେ ଆଗତ କରିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିଲା। ମଞ୍ଚର ସଦସ୍ୟ ଓ ସଦସ୍ୟାମାନେ ଏହି ସ୍ୱାସ୍ଥ୍ୟସେବା ଶିବିରର ସୁଯୋଗ ନେବାକୁ ସମ୍ପାଦକ ଶ୍ରୀ ନାୟକ ନିବେଦନ କରିଛନ୍ତି।

## ଏମଜି ରୋଡରେ ଜବରଦଖଲ ଉଚ୍ଛେଦ ନେଇ ମାପଜୁଖ ଆରମ୍ଭ

ଜୟପୁର,୨୩/୦୮ (ନି.ପ୍ର): ଜୟପୁର ସହର ଏମଜିରୋଡରେ ଜବର ଦଖଲ ଉଚ୍ଛେଦ ନେଇ ମାପଜୁଖ ଆରମ୍ଭ କରାଯାଇଛି । ଜୟପୁର ପୌରପାଳିକା ଓ ରାଜସ୍ୱ ବିଭାଗର ମିଳିତ ଭାବେ ମାପଜୁଖ କରାଯାଇଛି । ଏମଜି ରୋଡଟି ପ୍ରତ୍ୟେକ ଦିନ ଜନଗହଳି ରହୁଛି । ଜବରଦଖଲ ଯୋଗୁଁ ରାସ୍ତା ଶଙ୍କୁଚିତ ହୋଇପଡିଛି । ଫଳରେ ପ୍ରତ୍ୟେକ ଦିନ ଟ୍ରାଫିକ ଜାମ ହେଉଛି । ସାଧାରଣ ଜନତା ବହୁ ହଇରାଣ ହରକତ ହେଉଛନ୍ତି । ଉକ୍ତ ରାସ୍ତାରେ ଦୈନିକ ବଜାର ପ୍ରବେଶ ପଥ, ବଡ ବଡ ହୋଟେଲ, ବ୍ୟାଙ୍କ, ଦୋକାନ ରହିଛି । ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଉକ୍ତ ରାସ୍ତା ଉପରେ ନର୍ଭର କରୁଛନ୍ତି । ଟ୍ରାଫିକ ଜାମ ରହୁଥିବାରୁ ଜବର ଦଖଲ ଉଚ୍ଛେଦ କରିବା ପାଇ ଜୟପୁର ବାସୀ ବାହୁବାର ଦାବି କରୁଥିଲେ ।

# ଦୁଇ ନାବାଳିକାଙ୍କ ମିଳୁନି ପତ୍ତା: ପୋଲିସର ତନାଘନା ଜାରି

ବେତନଟୀ ,୨୩/୦୮ (ନି.ପ୍ର): ବେତନଟୀ ବ୍ଲକ ଅଞ୍ଚଳରୁ ଦୁଇ ଦୁଇ ଜଣ କଲେଜ ପଢୁଆ ଝିଅଙ୍କ ପତ୍ତା ମିଳୁନଥିବା ନେଇ ପୋଲିସ ନିକଟରେ ଫେରାଦ ହୋଇଛନ୍ତି ବ୍ୟତିବ୍ୟସ୍ତ ପରିବାରବର୍ଗ। ଅଁଳା କଲେଜରେ ଜନୈକା + ୨ ପଢୁଥିବା ଛାତ୍ରୀ କଲେଜରୁ ନଫେରିବା ଯୋଗୁଁ ପରିବାର ଲୋକେ ଯାଇ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଫେରାଦ ହେଲେ। ତେବେ ଛାତ୍ରୀ ଜଣଙ୍କ ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳର ଜଣେ ଯୁବକଙ୍କ ବାଇକ୍ ରେ ବସି କଲେଜରୁ ଯାଇଥିବା ସୂଚନା ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଜି ବୈଶିଙ୍ଗା ପୋଲିସ ନିକଟରେ ଅଭିଯୋଗ କରିଛନ୍ତି ପରିବାର ଲୋକେ। ଏହାକୁ ନେଇ ଥାନାରେ ୨୮୭ ନଂ କେସ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଠାବ କରିବା ପାଇଁ ଉଦ୍ୟମ ଚାଲିଛି। ଅନ୍ୟ ପକ୍ଷରେ ନଛିପୁରିଆ ଅଞ୍ଚଳରେ ଜନୈକା + ୨ ପଢୁଆ ନାବାଳିକାଙ୍କ ପତ୍ତା କାଲି ବିଳମ୍ବିତ ରାତିଠାରୁ ମିଳୁନଥିବା ଅଭିଯୋଗ ନାବାଳିକାଙ୍କ ବିଧବା ମା ପୋଲିସ ନିକଟରେ କରିବା ପରେ ୨୮୮ ନଂ ର ଏକ କେସ ରୁଜୁ କରାଯାଇ ତଦନ୍ତ ଚାଲିଛି। ମା ଙ୍କ କହିବା ଅନୁଯାୟୀ କାଲି ରାତିରେ ଉଭୟ ମା ଓ ଝିଅ ଖାଇସାରିବା ପରେ ଶୋଇଯାଇଥିଲେ। ହେଲେ ରାତି ଅଧରେ ଦେଖିବା ବେଳକୁ ଝିଅ ନଥିଲା। ସବୁଆଡେ ଖୋଜାଖୋଜି କରିବା ପରେ ମଧ ଝିଅର ସନ୍ଧାନ ନମିଳିବାରୁ ପୋଲିସ ନିକଟରେ ଫେରାଦ ହୋଇଛନ୍ତି। ତେବେ ଥାନାଧିକାରୀ ତପନ କୁମାର ପ୍ରଧାନ କହିଛନ୍ତି ଉଭୟ ଘଟଣାର ତଦନ୍ତ ଜାରି ରହିଛି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ‘ବିଶ୍ୱ ଉଦ୍ୟୋଗ ଦିବସ’ ପାଳିତ




ନୀଳଗିରି,୨୩/୦୮ (ନି.ପ୍ର): ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗୀକରଣ ପ୍ରତି ଆଗ୍ରହ ସୃଷ୍ଟି କରିବା ଓ ଏହାର ସମ୍ବନ୍ଧିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ, ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଉଦ୍ୟୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ପ୍ରତ୍ୟେକଙ୍କ ପାଖରେ ଥିବା ସୃଜନଶୀଳତା ହିଁ ଭବିଷ୍ୟତରେ ଉଦ୍ୟୋଗୀକରଣ ଦିଗରେ ଉତ୍ସାହିତ କରିଥାଏ ବୋଲି ଉଲ୍ଲେଖ କରିଥିଲେ। ନିଜର ସୃଜନଶୀଳତା, ଦକ୍ଷତା ଏବଂ ସାମର୍ଥ୍ୟକୁ ପ୍ରତିଷ୍ଠା କରି କେବଳ ଏକ ଚାକିରି ପାଇଁ ସଂଘର୍ଷ ନକରି ଆତ୍ମ ନିର୍ଭରଶୀଳ ସକ୍ଷମ ହୋଇ, ଅନ୍ୟମାନଙ୍କୁ ଚାକିରି ଯୋଗାଇ ଦେବାର ପ୍ରୟାସ ରହୁ କହି ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ହରି ପ୍ଲାଷ୍ଟ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ସଂଗ୍ରାମ କୁମାର ଦାସ ଯୋଗଦେଇ, ଉଦ୍ୟୋଗୀକରଣକୁ କିପରି ନିଜର ବୃତ୍ତିଗତ ଜୀବନ ଭାବେ ଆପଣେଇ ପାରିବ ଓ ଏଥି ସହିତ ନିଜ ଉପରେ ବିଶ୍ୱାସ ରଖି ପ୍ରତିଷ୍ଠିତ ହୋଇପାରିବ, ସେଥିନେଇ ଏକ ଉଦବୋଧନ ପ୍ରଦାନ କରିଥିଲେ। ଏଥିସହ ଭୁବନେଶ୍ୱର ସ୍ଥିତ ‘ ଏମ ଟେକ୍‘ ନାମକ ଏକ ସଫ୍ଟୱେର କମ୍ପାନୀର ସିଇଓ ପ୍ରିୟଦର୍ଶୀ ଷଡଙ୍ଗୀ ଆଭାସୀ ମାଧ୍ୟମରେ ଯୋଗଦେଇ ଉଦ୍ୟୋଗୀକରଣ କୁ ନେଇ ଛାତ୍ରଛାତ୍ରୀଙ୍କ ମନରେ ଥିବା ପ୍ରଶ୍ନର ସମାଧାନ ଦେଇଥିଲେ ଓ ବର୍ତ୍ତମାନ ସମୟରେ କେଉଁ ଉଦ୍ୟୋଗରେ ମନୋନିବେଶ କରିଲେ ସଫଳ ହୋଇପାରିବେ, ସେ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ।

ଏହି ଅବସରରେ କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବ୍ୟବସାୟ ପରିଚାଳନା ବିଭାଗର ପ୍ରଫେସର ଓ ପି.ଏମ.ଆଇ.ଆର ବିଭାଗର ସଂଯୋଜକ ପ୍ରଫେସର ପଦ୍ମଲିତା ରାଉତରାୟ, ଟିବିଆଇର ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାଢୀ ପ୍ରମୁଖ ଯୋଗଦେଇ ଉଦ୍ୟୋଗୀକରଣର ପ୍ରସ୍ତୁତି, କାର୍ଯ୍ୟକାରିତା ପଦ୍ଧତି , ନୂତନ କୌଶଳ ଗୁଡିକରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଇତ୍ୟାଦିର ଉଦାହରଣ ଦେଇ ଛାତ୍ରଛାତ୍ରୀଙ୍କୁ ଏ ଦିଗରେ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଟିବିଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନେନ୍ଦୁ ନାୟକ ସଂଚାଳନ କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ବିଶ୍ୱ ସଂସ୍କୃତ ସପ୍ତାହ’ ପାଳିତ




ବେତନଟୀ,୨୩/୦୮ (ନି.ପ୍ର): ବେତନଟୀ ବ୍ଲକ ଅଧୀନ କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ’ବିଶ୍ୱ ସଂସ୍କୃତ ସପ୍ତାହ’ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ମନ୍ଦାକିନୀ ସାହୁ, ସଂପାଦକ ଇଂରାଜୀ ବିଭାଗ ଅଧ୍ୟାପକ ସେକାବତ୍ ଅଲ୍ଲୀ, ମୁଖ୍ୟ ଅତିଥି ଭାବେ ପଦ୍ମଲୋଚନ ହାଇସ୍କୁଲ,ବଡଛୁରୁଣି,ମୟୂରଭଞ୍ଜର ସଂସ୍କୃତ ଶିକ୍ଷକ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ଦାଶ ଓ ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗ ର ଅଧ୍ୟାପକ ଶ୍ରୀକାନ୍ତ ଦାସ, ଅର୍ଥନୀତି ବିଭାଗର ଅଧ୍ୟାପକ ଭରତ ଚନ୍ଦ୍ର ସି, ଉଦ୍ଭିଦ ବିଭାଗର ଅଧ୍ୟାପକ ଭବେନ୍ଦ୍ର କୁମାର ଦେ, ପ୍ରାଣୀ ବିଭାଗର ଅଧ୍ୟାପକ ଅଜିତ କୁମାର ବେହେରା ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ଭାରତୀୟ ପ୍ରାଚୀନ ଭାଷା,ବେଦ ଭାଷା, ସର୍ବ ଭାଷା ଜନନୀ ତଥା ସଂସ୍କୃତିର ମୂଳ ଉତ୍ସ ସଂସ୍କୃତ ଭାଷାର ରକ୍ଷଣାବେକ୍ଷଣ ପ୍ରତି ପ୍ରୋତ୍ସାହନ ଓ ଉତ୍ତମ ଚରିତ୍ର ଗଠନ ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବକ୍ତୃତା, ଗୀତା ପଠନ, ସାଂସ୍କୃତିକ କୁଇଜ୍, ଗଣେଶ ବନ୍ଦନା, ସରସ୍ୱତୀ ବନ୍ଦନା, ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର ପଠନ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା କରାଯାଇଥିଲା। ଭୂପାଳଚନ୍ଦ୍ର ପ୍ରଧାନ, ଗଜେନ୍ଦ୍ର ବେହେରା,ସଞ୍ଜିତ କୁମାର ଦାସ,ତପତି ତପସ୍ୱିନୀ ଆଚାର୍ଯ୍ୟ,ଭବାନୀଶଙ୍କର ମହାନ୍ତ, ବିଷ୍ଣୁନାରାୟଣ ଜେନା, ବସନ୍ତ କୁମାର ବାରିକ, ମନୋହର ବେହେରା,ପ୍ରକାଶ ଚନ୍ଦ୍ର ରାଜ, ଉମାକାନ୍ତ ବେହେରା,ବୈଲୋଚନ ମହାନ୍ତ, ଲକ୍ଷ୍ମୀକାନ୍ତ ମହାନ୍ତ ଓ ମନମୋହନ ମହାନ୍ତ ଏହି କାର୍ଯ୍ୟକ୍ରମରେ ପରିଚାଳନାରେ ସହଯୋଗ କରିଥିଲେ।

# ସେଲ ରାଉରକେଲା ଇସ୍ପାତ କାରଖାନାରେ ବିଶିଷ୍ଟ କ୍ରୀଡ଼ାପ୍ରତିଭା ସମ୍ବର୍ଦ୍ଧିତ




ରାଉରକେଲା, ୨୩/୮ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ୩୭ ଜଣ ବିଶିଷ୍ଟ କ୍ରୀଡ଼ାବିତ୍ କୁ ଅଗଷ୍ଟ ୧୫ ତାରିଖରେ ସିଭିକ୍ ସେଣ୍ଟରରେ ଆୟୋଜିତ ସମ୍ମାନ ସମାରୋହରେ କ୍ରୀଡା ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ଶ୍ରେଷ୍ଠ ପ୍ରଶିକ୍ଷକ ତଥା ବିଶିଷ୍ଟ ସାଇକେଲ ଚାଳକ, ପାରାଆଥଲେଟ ଏବଂ ହକି କ୍ୟାଡେଟ୍ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏସୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିଅନସିପ୍ ରେ ଅଂଶଗ୍ରହଣ ପାଇଁ ସ୍ୱସ୍ତ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତାଙ୍କୁ ୨୦୦୦ ଟଙ୍କା ପୁରସ୍କାର ରାଶି ଓ ପ୍ରଶସ୍ତି ପତ୍ର ପ୍ରଦାନ କରାଯାଇଥିଲା ।ଶ୍ରୀ ଶୁଭ୍ରାଂଶୁ ମହାରଣାଙ୍କୁ ଡାଉନ୍ ସିଣ୍ଡ୍ରୋମ ନ୍ୟାସନାଲ ଗେମ୍ସ ଇଭେଣ୍ଟରେ ଶଟପୁଟରେ ସ୍ୱର୍ଣ୍ଣ ପଦକ ଲାଭ ପାଇଁ ୧୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଖେଲୋ ଇଣ୍ଡିଆ ଯୁବ କ୍ରୀଡା ପ୍ରତିଯୋଗିତାରେ ସାଇକେଲ ସ୍ପ୍ରିଟ୍ ରେସ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଲାଭ ପାଇଁ ଏସ ସକ୍ଷତ ପାତ୍ରଙ୍କୁ ୫୦୦ ଟଙ୍କା ପୁରସ୍କାର ରାଶି ଓ ଓ ପ୍ରଶସ୍ତି ପତ୍ରରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମ ହକି ଇଣ୍ଡିଆ ସବ ଜୁନିଅର ପୁରୁଷ ଏକାଡେମୀ ଜାତୀୟ ଚାମ୍ପିଅନସିପ୍ ରେ ବିଜେତା ଆଖ୍ୟା ଲାଭ ପାଇଁ ଲେଲସନ ମିଞ୍ଜ, ଜଗଦୀପ ବାର୍ଲା, ଅରବାଜ ଖାନ, ସଲିଲ କିଣ୍ଡୋ, ନେଭିଲ କୁଲୁ, ଆନନ୍ଦ ହାସ୍ତି, ସନ୍ଦୀପ ଲାକ୍ରା, ରୋହିତ ଏକ୍କା, ଜର୍ଜ ମିଞ୍ଜ, ବିଶାଲ କଇଥା, ସାୟନ ଏକକା, ସୁଦୀପ ଲାକ୍ରା, ମନୀଷ କୁଜୁର, ସୁନୀତ ଏକ୍କା ଏବଂ ଅନିମେଶ ବା ଙ୍କୁ ନେଇ ଗଠିତ ସେଲ ହକି ଏକାଡେମୀର ଦଳକୁ ପୁରସ୍କୃତ କରାଯାଇଥିଲା । ପ୍ରତ୍ୟେକଙ୍କୁ ୧୦୦୦ ଟଙ୍କା ନଗଦ ପୁରସ୍କାର ଓ ପ୍ରଶସ୍ତି ପତ୍ର ପ୍ରଦାନ କରାଯାଇଥିଲା । ସେହିଭଳି ପ୍ରଥମ ହକି ଇଣ୍ଡିଆ ଜୁନିଅର ପୁରୁଷ ଏକାଡେମୀ ଚାମ୍ପିଅନସିପ୍ ରେ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ଆଲୋକ କାଣ୍ଡୁଲାନା, ଅଭିଷେକ ଯାଦବ, ଅଙ୍କିତ ମାଝି, ସାଗର ସୁରିନ, କୃଷ୍ଣ ମୋହନ, ଅଙ୍କିତ ଜୋଜୋ, ଅନୁ ରଂଜନ ସୋରେଙ୍ଗ, ରବି ବାରା, ବିଶାଲ ବାର୍ଲା, ସମୀର ଏକ୍କା, କରଣ ଲାକ୍ରା, ନବିନ ଲାକ୍ରା, ଆଶିଷ କୁମାର ଡୁଙ୍ଗଡୁଙ୍ଗ, ରବିନ୍ କିସପଟ୍ଟା, ଅମିତ ଟପ୍ପୋ ଏବଂ ସୁଶୀଲ କୁଜୁରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ପ୍ରତ୍ୟେକଙ୍କୁ ୧୦୦୦ ଟଙ୍କା ନଗଦ ପୁରସ୍କାର ଓ ପ୍ରଶସ୍ତି ପତ୍ର ପ୍ରଦାନ କରାଯାଇଥିଲା । ସେଲ ହକି ଏକାଡେମୀ ଦଳର କୋଚିଂ ପାଇଁ ରାଜୁ କାନ୍ତ ସାଇନିଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ତାଙ୍କୁ ୫୦୦୦ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିଭଳି ସ୍ୱସ୍ତି ସିଂହଙ୍କ ସାଇକ୍ଲିଙ୍ଗ ପ୍ରଶିକ୍ଷକ ଶ୍ରୀ ସୁଶୀଲ କୁମାର ଦାସଙ୍କୁ ତାଙ୍କର ପ୍ରଶିକ୍ଷଣ ତଥା ସ୍ୱସ୍ତି ସିଂହଙ୍କ କ୍ରୀଡା କ୍ୟାରିୟର ଗଠନରେ ଯୋଗଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା । ତାଙ୍କୁ ୫ ହଜାର ଟଙ୍କାର ପୁରସ୍କାର ରାଶି ଓ ପ୍ରଶସ୍ତି ପତ୍ର ପ୍ରଦାନ କରାଯାଇଥିଲା ।

# ବିଜେବି ସରକାରୀ ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାରେ ଓଡ଼ିଶା ବିଜ୍ଞାନ ଏକାଡେମୀ ଭୁବନେଶ୍ୱରର କର୍ମଶାଳା



ଭୁବନେଶ୍ୱର, ୨୩/୮ (ନି.ପ୍ର): ବିଜେବି ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାଠାରେ ଓଡିଶା ବିଜ୍ଞାନ ଏକାଡେମୀ ଭୁବନେଶ୍ୱର ଆନୁକୁଲ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଏହି କର୍ମଶାଳା ରେ ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ପ୍ରଫେସର ବିଭୂତି ଭୂଷଣ ମିଶ୍ର ଓ ସମ୍ପାଦକ ପ୍ରଫେସର ଆଶିଷ କୁମାର ମହାନ୍ତି ଯୋଦଦେଇ ବାୟମଣ୍ଡଳର ଚାପ, ଉଡାଜାହାଜର ଗଠନ, ଉଦ୍ଭିଦର କୋଷ, ଅମ୍ଳଜାନ ର ଉପସ୍ଥିତି ମହମବତୀ ମାଧ୍ୟମରେ ପରୀକ୍ଷଣ, ସର୍ପର ପ୍ରକାର ଭେଦ, ଗଠନ, ଲକ୍ଷଣ ଓ ଦଂଶନରୁ ରକ୍ଷାପାଇବା ପାଇଁ ପ୍ରତିକାର ଆଦି ବିଷୟରେ ଆଲୋକପାତ କରିଥିଲେ । ନବମ ଓ ଦଶମ ଶ୍ରେଣୀର ୩୦୦ ଛାତ୍ରଛାତ୍ରୀ ଯୋଗଦେଇ ବହୁ ଉପାଦେୟ ଶିକ୍ଷା ଲାଭ କରିଥିଲେ । ଏହି ଅବସରରେ ଆଲୁମିନି ଅବସରପ୍ରାପ୍ତ ବୈଜ୍ଞାନିକ ରାଜକିଶୋର ପରମଗୁରୁ , ଅବସରପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀ ଲକ୍ଷ୍ମୀ ନାରାୟଣ ଭଞ୍ଜ, ଚିଫ କଞ୍ଜରଭେଟର ପ୍ରମୋଦ କୁମାର ମେକାପ, ବିଜୟକେତନ ପଟ୍ଟନାୟକ, ଅବସରପ୍ରାପ୍ତ ଏସପି ଦେବପ୍ରସାଦ ମଜୁମଦାର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହୋଜଗ କ୍ରମେ ଉକ୍ତ କର୍ମଶାଳା ଛାତ୍ରଛାତ୍ରୀମାନଙ୍କ ପାଇଁ ବହୁତ ଉପାଦେୟ ହୋଇପାରିଥିଲା ।

# ରାଜ୍ୟସ୍ତରୀୟ ଆଡ଼ଭାନ୍ସଡ଼ ଟ୍ରେନିଂରେ ମୟୂରଭଞ୍ଜ ଜିଲ୍ଲାରୁ ୧୪ ସାମିଲ



ମୟୂରଭଂଜ, ୨୩/୮ (ନି.ପ୍ର): ଭୁବନେଶ୍ୱରର ୟୁନିଟ -୩ ସ୍ଥିତ ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ର ହେଡ୍‌କ୍ୱାଟର ପରିସରରେ ରାଜ୍ୟସ୍ତରୀୟ ସ୍କାଉଟ୍ସ ମାଷ୍ଟର ଓ ଗାଇଡ଼ କ୍ୟାପଟେନ ମାନଙ୍କ ଆଡ଼ଭାନ୍ସଡ଼ ଟ୍ରେନିଂ ଚଳିତ ଅଗଷ୍ଟ ମାସ ୧୭ ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଙ୍କ ମାର୍ଗଦର୍ଶନରେଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ନଅ ଜଣ ସ୍କାଉଟ୍ସ ମାଷ୍ଟର ଓ ପାଞ୍ଚ ଜଣ ଗାଇଡ଼ କ୍ୟାପଟେନ ମାନେ ପ୍ରଶିକ୍ଷଣ ନେଇ ପ୍ରମାଣ ପତ୍ର ହାସଲ କରିଛନ୍ତି । ସେମାନେ ହେଲେ ବଡ଼ସାହି ବ୍ଲକ ଅନ୍ତର୍ଗତ ବାଲିଯୋଡ଼ା ଗ୍ରାମ ସ୍ଥିତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ସ ମାଷ୍ଟର ଦୀପକ ରାମ, କୁଳିଅଣା ବ୍ଲକସ୍ଥିତ ହାତୀମରା ଗ୍ରାମ ସ୍ଥିତ ଆଦିତ୍ୟ କାନୁନଗୋ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ସ ମାଷ୍ଟର ପ୍ରଦୀପ ଚୌଧୁରୀ ଓ ଉକ୍ତ ବ୍ଲକର ଶ୍ରୀଅରବିନ୍ଦ ସ୍କୁଲର ଶାନ୍ତନୁ କୁମାର ଦାଶ, ରରୁଆଁ ବ୍ଲକ ଅନ୍ତର୍ଗତ ଓଏଭି ଟିଙ୍ଗିରିଆ ର ସ୍କାଉଟ୍ସ ମାଷ୍ଟର ଅମରେନ୍ଦ୍ର ମହାରଣା, ଯଶିପୁର ବ୍ଲକ ଅନ୍ତର୍ଗତ ଓଏଭି ମାଟିଆଗଡ଼ ର ସ୍କାଉଟ୍ସ ମାଷ୍ଟର ବିଷ୍ଣୁ ପ୍ରସାଦ ମହାନ୍ତ ଓ ଗାଇଡ଼ କ୍ୟାପଟେନ ଇତିଶ୍ରୀ ମିଶ୍ର, ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଓଏଭି ଦିଗଧର ର ସ୍କାଉଟ ମାଷ୍ଟର ରାଜକିଶୋର ବଦ୍ରା ଓ ଗାଇଡ଼ କ୍ୟାପଟେନ ପଦ୍ମିନୀ ପରିଡା, ରସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଓଏଭି ମହୁଲିଆର କ୍ଷିତୀଶ କୁମାର ଦାସ ଓ ଗାଇଡ଼ କ୍ୟାପଟେନ ଆରତୀ ରାୟ , ବାରିପଦା ବ୍ଲକ ଅନ୍ତର୍ଗତ ଓଏଭି ରାଣୀଭୋଳ ର ସ୍କାଉଟ ମାଷ୍ଟର ମହମ୍ମଦ ଫ୍ରାହନ, କପ୍ତିପଦା ବ୍ଲକ ଅନ୍ତର୍ଗତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ, ଗୌଡ଼ଗାଁ ର ସ୍କାଉଟ୍ସ ମାଷ୍ଟର ନିର୍ମଳ ମହାଳିକ , ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଓଏଭି ସାନସୋଲ ର ଗାଇଡ଼ କ୍ୟାପଟେନ ପ୍ରିୟଙ୍କା ମଲ୍ଲିକ, ବାରିପଦା ବ୍ଲକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଗାଇଡ଼ କ୍ୟାପଟେନ ଜୟନ୍ତୀ ପାଣିଗ୍ରାହୀ । ଏହି ସାତ ଦିନ ତାଲିମ କାର୍ଯ୍ୟକ୍ରମ ରେ ଟେଣ୍ଟ ତିଆରି, ଗେଜେଟ ତିଆରି, ମୋଙ୍କି ବ୍ରିଜ ତିଆରି, ନଟିଙ୍ଗ, ଲେସିଂ, ଡ୍ରିଲ ଓ ମାର୍ଚ୍ଚ ଫାଷ୍ଟ, ଦୁର୍ଘଟଣା ରେ ଆହତ ବ୍ୟକ୍ତି ଙ୍କ ପାଇଁ ଗୋଲଡେନ ଓଉରା ମଧ୍ୟରେ ପ୍ରାଥମିକ ଚିକିତ୍ସା ଓ ବେଣ୍ଡେଜ, ବ୍ୟାୟାମ ଓ ଯୋଗାସନ, ଫ୍ଲାଗ ପ୍ରସିଡ଼ିଅର,ମେପିଙ୍ଗ, ଦିଗ ସୂଚକ ଯନ୍ତ୍ର ଦ୍ୱାରା ସ୍ଥାନ ର ଅବସ୍ଥିତ ନିରୂପଣ ଆଦି ପ୍ରଶିକ୍ଷଣ ନେଇଛନ୍ତି । ଏହା ଦ୍ୱାରା ମୟୂରଭଞ୍ଜ ଜିଲ୍ଲା ରେ ସ୍କାଉଟ୍ସ ଓ ଗାଇଡ଼ ପିଲାମାନେ ରାଜ୍ୟ ପୁରସ୍କାର ପରୀକ୍ଷା ଦେଇ ପାରିବେ ଓ ଭବିଷ୍ୟତରେ ସେମାନେ ବିଭିନ୍ନ ସ୍କାଉଟ୍ସ କୋଟା ରେ ଥିବା ସରକାରୀ ଓ ବେସରକାରୀ ଚାକିରି ଯୋଗ ଦେବା ସହିତ ନିଜକୁ ସୁନାଗରିକ ରୂପେ ଗଢି ତୋଳିବେ ।

# ଲକ୍ଷ୍ମୀ ନାରାୟଣ ମନ୍ଦିରରେ ବେଦ ସପ୍ତାହ ପାଳନ



ବାଲେଶ୍ୱର, ୨୩/୮ (ନି.ପ୍ର): ବୈଦିକ ଗୁରୁକୁଳ ଆଶ୍ରମ, ପିଞ୍ଚାବଣିଆଁ ପକ୍ଷରୁ ବାଲେଶ୍ୱର ଓ.ଟି.ରୋଡ୍ ନିକଟରେ ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିରରେ ବେଦ ସପ୍ତାହ ପାଳନ ହୋଇଯାଇଅଛି । ଗହ୍ମା ପୂର୍ଣ୍ଣମା ଠାରୁ ଆରମ୍ଭ ହୋଇ ଜନ୍ମାଷ୍ଟମୀ ପର୍ଯ୍ୟନ୍ତ ପାଳିତ ହେଉଥିବା ଶ୍ରାବଣୀ ପର୍ବ ର ବେଦ ପ୍ରଚାର ଅଭିଯାନ ର ପଞ୍ଚମ ଦିବସରେ ଗୁରୁକୁଳ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଙ୍କ ପୌରହିତ୍ୟରେ ମନ୍ଦିର ପ୍ରାଙ୍ଗଣରେ ,ବିଶ୍ୱ କଲ୍ୟାଣ ଦେବଯଜ୍ଞ, ବେଦପାଠ କରାଯାଇଥିଲା । ଯଜ୍ଞ କାର୍ଯ୍ୟରେ ଆଚାର୍ଯ୍ୟ ବିଜୟ ଜୀ ଙ୍କୁ ଗୁରୁକୁଳର ଗୁରୁମା ପ୍ରମିଳା ଓ ବ୍ରହ୍ମଚାରୀ ଙ୍କ ସହ ମନ୍ଦିରର ପୂଜକ ଶ୍ରୀ ବିଜୟ କୁମାର ମିଶ୍ର ସହଯୋଗ କରିଥିଲେ । ମୁଖ୍ୟ ଯଜମାନ ଶ୍ରୀଯୁକ୍ତ ନିରଞ୍ଜନ ଜେନା ଓ ଶ୍ରୀମତୀ ଶାନ୍ତିଲତା ଜେନା ଙ୍କ ସହିତ ଶ୍ରୀଯୁକ୍ତ ବ୍ୟାସଦେବ ରାଉତ ଶ୍ରୀମତୀ ରୀତା ରାଉତ, ଶ୍ରୀଯୁକ୍ତ ନରେନ୍ଦ୍ର ପୁହାଣ ଶ୍ରୀମତୀ ସଞ୍ଜୁଲତା ପୁହାଣ, ଶ୍ରୀଯୁକ୍ତ ରଞ୍ଜନ ସାହୁ ଶ୍ରୀମତୀ ରୀତା ସାହୁ, ଶ୍ରୀଯୁକ୍ତ ମଧୁସୂଦନ ନାୟକ ଶ୍ରୀମତୀ ମଞ୍ଜୁଲତା ନାୟକ ଓ ଇଂ ଶ୍ରୀଯୁକ୍ତ କରୁଣାକର ପ୍ରଧାନ ପ୍ରଫେସର ଶ୍ରୀମତୀ ମଞ୍ଜୁବାଳା ବିଶ୍ୱାଳ ସପତ୍ନୀକ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ରାଉତ,ଗତିକୃଷ୍ଣ ମହାନ୍ତି, ବୀଣାପାଣି ଗୁପ୍ତା,ଇଂ ପ୍ରଦ୍ୟୁମ୍ନ ପୁରୀ ଯୋଗଦେଇଥିଲେ । ଏହି ଅବସରରେ ମନ୍ଦିର ର ମୂଳ ପୂଜକ ବୟୋଜ୍ୟେଷ୍ଠ ବିଦ୍ୱାନ ବ୍ରାହ୍ମଣ ପଣ୍ଡିତ ପ୍ରେମ୍ ଶଙ୍କର ଚୌଧୁରୀ ଙ୍କୁ ଶାରିରୀକ ଅସୁସ୍ଥତା କାରଣରୁ, ମ୍ୟାଗଡମପୁର୍ ସ୍ଥିତ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପଦାର୍ଥବିତ୍ ଯୋଗଗୁରୁ ଶ୍ରୀଯୁକ୍ତ ସୁଜିତ୍ କୁମାର ଜେନା ଏହି କାର୍ଯ୍ୟକ୍ରମରେ ବିଶେଷ ସହଯୋଗ କରିଥିଲେ ।

# ଜୀବିଏସ ରୋଗରେ ପୀଡ଼ିତ ଛାତ୍ରୀଙ୍କ ମୃତ୍ୟୁ



ବସ୍ତା , ୨୩/୮ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ତାହାରପୁର ଗ୍ରାମର ଜଣେ କଲେଜ ଛାତ୍ରୀ ଜୀବିଏସ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ଅବସ୍ଥାରେ କଟକ ମେଡିକାଲରେ ମୃତ୍ୟୁବରଣ କରିଛି । ମୃତ ଛାତ୍ରୀ ହେଲେ ସୁକାନ୍ତ ଦାସଙ୍କ କନ୍ୟା ସସ୍ମିତା (୨୦) । ସୂଚନାରୁ ପ୍ରକାଶ ଯେ,ଛାତ୍ରୀ ସସ୍ମିତା ଦାସ (୨୦) ଭୁବନେଶ୍ୱରରେ ରହି କଳିଙ୍ଗ ଆର୍ଟ କଲେଜ୍ ରେ ଅଧ୍ୟୟନ କରୁଥିଲେ । ରାକ୍ଷୀ ପୂର୍ଣ୍ଣିମା ପାଇଁ ଛୁଟିରେ ଗତ ୧୭ ତାରିଖରେ ସେ ଘରକୁ ଆସିଥିଲେ । ଆସିବା ବାଟରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ । ୧୮ ତାରିଖରେ ତାଙ୍କୁ ବାଲେଶ୍ୱର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡ଼ାକ୍ତର ତାଙ୍କୁ ଚିକିତ୍ସା କରିବା ସହ ସେ ଜୀବିଏସ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା । ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ତାଙ୍କର ମୃତ୍ୟୁ ଘଟିଥିଲା । ଭୁବନେଶ୍ୱରରୁ ମୃତଦେହ ଆସି ଘରେ ପହଞ୍ଚିବା ପରେ ଗାଁ ଶ୍ମଶାନରେ ସତ୍କାର କରାଯାଇଥିଲା । ସାନ ଭାଇ ମୁଖାଗ୍ନୀ ଦେଇଥିଲେ । ଏଭଳି ଅସ୍ୱାଭାବିକ ମୃତ୍ୟୁରେ ତାଙ୍କର ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡିଛନ୍ତି । ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ...

ବିଜେଡି ବିଧାୟକ । ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିଜେଡି ସଦସ୍ୟ ଗୃହ ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ ଓ ହୋହଲ୍ଲା କରିଥିଲେ । ବିଜେଡିର ୨ ବିଧାୟକ ବାଚସ୍ପତିଙ୍କ ପୋଡ଼ିୟମ ଉପରେ ଚଢ଼ିବାକୁ ଉଦ୍ୟମ କରିଥିଲେ । ଏଥିସହ ସେମାନେ ବାଚସ୍ପତିଙ୍କ ମାଇକ୍ ଭାଙ୍ଗିବାକୁ ଚେଷ୍ଟା କରିଥିଲେ । ଏହାକୁ ରୋକିବାକୁ ଯାଇ ବିଧାନସଭାରେ ଉପସ୍ଥିତ ମାର୍ଶଲଙ୍କ ସହ ସେମାନଙ୍କର ଧସ୍ତାଧସ୍ତି ବି ହୋଇଛି । ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ସୋର ବିଧାୟକ ମାଧବ ଧଡ଼ା ଓ ଦେବଗଡ଼ ବିଧାୟକ ରୋମାଞ୍ଚ ବିଶ୍ୱାଳ ପୋଡିୟମ୍ ଚଢ଼ିବାକୁ ଉଦ୍ୟମ କରିଥିଲେ । ଏଥିସହ ବାଚସ୍ପତିଙ୍କ ସିଟ୍ ପାଖକୁ ଯିବାକୁ ମଧ୍ୟ ସେମାନେ ଉଦ୍ୟମ କରିଥିଲେ । ସେହିଭଳି ଆଉ କିଛି ବିଜେଡି ବିଧାୟକ ସିଡି ବାଟ ଦେଇ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢିବାକୁ ଚେଷ୍ଟା କରିଥିଲେ । ତେବେ ସେଠାରେ ଉପସ୍ଥିତ ମାର୍ଶଲ ସେମାନଙ୍କୁ ଅଟକାଇଥିଲେ । ବିଜେଡି ବିଧାୟକ ମାଧବ ଧଡ଼ା କହିଛନ୍ତି, ଗଣତାନ୍ତ୍ରିକ ଉପାୟରେ ଆମେ ଗୃହକୁ ବନ୍ଦ କରିବାକୁ ଚାହିଁଥିଲୁ । କିନ୍ତୁ ବାଚସ୍ପତି ଗୃହକୁ ବନ୍ଦ କଲେ ନାହିଁ । ତେଣୁ ଆମେ ଯାହା କରିଛୁ ଗଣତାନ୍ତ୍ରିକ ଭାବେ କରିଛୁ, ସୀମା ବାହାରକୁ ଯାଇ କିଛି କରିନୁ । କାରଣ ଆମ ଦଳ ସବୁବେଳେ ମା'କୁ ସମ୍ମାନ ଦେଇ ଆସୁଛି । ଜବାବରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ କହିଛନ୍ତି, ବିରୋଧୀ ମହିଳା ବାଚସ୍ପତିଙ୍କୁ ସମ୍ମାନ ଦେବା ଶିଖିନାହାନ୍ତି । ପୋଡ଼ିୟମ ଉପରକୁ ଉଠି ବିରୋଧୀ ଦଳର ବିଧାୟକମାନେ ଯେଉଁପରି ଭାବେ ଆଚରଣ ପ୍ରଦର୍ଶନ କଲେ ତାହା ଖୁବ୍ ନିନ୍ଦନୀୟ । ଏହା ନିନ୍ଦନୀୟ କଥା ବୋଲି ସେ କହିଛନ୍ତି । ସତ୍ୟର ସାମ୍ନା କରିବାକୁ ବିରୋଧୀ ଡରୁଛନ୍ତି ବୋଲି ସେ କହିଛନ୍ତି । ୨୪ ବର୍ଷ ଧରି ସେମାନେ ଦୁର୍ନୀତିରେ ଉବୁଟୁବୁ ହେଉଥିଲେ । ଏବେ ପର୍ଦ୍ଦାଫାସ ହେବା ବେଳକୁ ଆଲୋଚନାକୁ ଡରୁଛନ୍ତି । ଗୃହରେ ହୋହଲ୍ଲା କରୁଛନ୍ତି । ବିରୋଧୀଙ୍କ ଏପରି ଆଚରଣ ଗଣତନ୍ତ୍ରରେ ଆଦୌ ଶୋଭନୀୟ ନୁହେଁ । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ସବୁ ଜିଲ୍ଲାରେ ମଦ ବନ୍ୟା ଚାଲିଛି । ଚିକିଟି ମଦ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ସରକାରଙ୍କ ନିଦ ତୁରନ୍ତ ନ ଭାଙ୍ଗିଲେ ଆଗାମୀ ଦିନରେ ପରିସ୍ଥିତି ଭୟାବହ ହେବ । ତେଣୁ ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା କଥା ।

### ଆଇପିଏସ୍ କୁଟେ ଓ ଆଶୀଷ ...

ଜାରି ଚାର୍ଜସିଟ ଅନୁସାରେ, ସାଧାରଣ ନିର୍ବାଚନ ଚାଲିଥିବାବେଳେ ଶ୍ରୀ କୁଟେ ୨୦୨୪ ମେ' ୨୪ତାରିଖ ବିଳମ୍ବିତ ସନ୍ଧ୍ୟାରେ ତତକାଳୀନ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇଏଏସ୍ ଏନ୍.ଥିରୁମାଳା ନାଏକଙ୍କୁ ବାରମ୍ବାର ଫୋନ୍ କରିଥିଲେ ଓ 'ବିଜେପିର ଏକ ନିର୍ବାଚନୀ ବିଜ୍ଞାପନ'କୁ କାହିଁକି ଅନୁମୋଦନ କଲେ ବୋଲି ପ୍ରଶ୍ନ କରି ବିରକ୍ତ ହୋଇଥିଲେ । ତୁରନ୍ତ ଉକ୍ତ ବିଜ୍ଞାପନର ଅନୁମୋଦନକୁ ପ୍ରତ୍ୟାହାର କର ଓ ତା'ଯେଭଳି ଖବରକାଗଜରେ ପ୍ରକାଶିତ ନହେବ ତାହା ସୁନିଶ୍ଚିତ କରିବାକୁ ଶ୍ରୀ କୁଟେ ତାଗିଦ୍ କରିଥିବାର ଶ୍ରୀ ନାଏକ ଅଭିଯୋଗ କରିଥିଲେ ବୋଲି ଚାର୍ଜସିଟରେ ଉଲ୍ଲେଖ ରହିଛି । ବରିଷ୍ଠ ଆଇଏଏସ୍ ସେତେବେଳେ ଶ୍ରୀ ନାଏକ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଓମିଡିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ କମିଟି(ଏମସିଏମସି) ଅଧକ୍ଷ ଭାବେ ମଧ ଦାୟିତ୍ୱ ତୁଲାଉଥିଲେ । ସେହିପରି ଶ୍ରୀ କୁଟେ ତୃତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଦିନ ଅର୍ଥାତ୍ ମେ' ୨୫ତାରିଖରେ ଖୋର୍ଦ୍ଧା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଇଏଏସ୍ ଚଂଚଳ ରାଣା ଓ କିଛି ପୁଲିସ ଅଫିସରଙ୍କୁ ଫୋନ୍ କରି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣେ ପ୍ରାର୍ଥୀ(ଯଦିଓ ଦିଆଯାଇଥିବା ଚାର୍ଜସିଟରେ ପ୍ରଶାନ୍ତ ଜଗଦେବଙ୍କ ନାଁ ଉଲ୍ଲେଖ ନାହିଁ)ଙ୍କୁ ଗିରଫ କରିବା ପାଇଁ ଚାପ ପକାଇଥିଲେ । ଏନେଇ ଜିଲ୍ଲାପାଳ ଶ୍ରୀ ରାଣା ମଧ ନିର୍ବାଚନ କମିଶନଙ୍କୁ ଅବଗତ କରିଥିଲେ । କୁଟେଙ୍କ ବିରୁଦ୍ଧରେ ଏହି ଦୁଇ ବରିଷ୍ଠ ଆଇଏଏସ୍ ଅଫିସର ଆଣିଥିବା ଅଭିଯୋଗ ସହ ସେମାନଙ୍କୁ ସାକ୍ଷୀ (ପ୍ରେଜେଣ୍ଟିଂ ୱିଟନେସ) ଭାବେ ସାମିଲ କରାଯାଇଥିବାରୁ ତଦନ୍ତରୁ ଖସିବା ଶ୍ରୀ କୁଟେଙ୍କ ପାଇଁ ସହଜ ହେବନି ବୋଲି ଗୃହ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଏପରିକି ଶ୍ରୀ କୁଟେଙ୍କୁ ଏଥିପାଇଁ ନିଜ ଚାକିରିରୁ ବରଖାସ୍ତ କିମ୍ୱା ପଦୋବନତି ହେବାର ଆଶଙ୍କା ରହିଛି । ସର୍ବଭାରତୀୟ ସେବାର କଣ୍ଡକ୍ଟ ରୁଲସ୍ -୧୯୬୮ର ରୁଲ-୧୮ (ରାଜନୀତିକ ଗତିବିଧିରେ ସମ୍ପୃକ୍ତି)କୁ ଉଲ୍ଲଘଂନ କରିଥିବା ପ୍ରମାଣିତ ହୋଇଗଲେ ତାହା ଶ୍ରୀ କୁଟେଙ୍କୁ ବେଶ୍ ମହଙ୍ଗା ପଡ଼ିପାରେ ବୋଲି ଜଣାପଡ଼ିଛି । ସେହିପରି ବିଜେଡି ସରକାରର ଅନ୍ୟତମ ପାୱାରଫୁଲ ଆଇପିଏସ୍ ୨୦୦୪ ବ୍ୟାଚର ଆଶୀଷ ସିଂଙ୍କୁ ଅଗଷ୍ଟ ୬ତାରିଖରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଚାର୍ଜସିଟ୍ ଜାରି କରିଛନ୍ତି । ତାଙ୍କୁ ମଧ ୩୦ଦିନ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଶ୍ରୀ ସିଂ ସ୍ୱାସ୍ଥ୍ୟ ଖରାପ ଥିବା ନେଇ ମିଛ କହିଥିବାର ପ୍ରମାଣ ମିଳିଛି । ସେ ସ୍ୱାସ୍ଥ୍ୟଗତ ଓ ମାନସିକସ୍ତରରେ ସମ୍ପୂର୍ଣ୍ଣ ଫିଟ୍ ଥିବା ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଭୁବନେଶ୍ୱର ଏମ୍ସର ମେଡିକାଲ ବୋର୍ଡ ରିପୋର୍ଟ ଦେଇଥିଲେ । ତେବେ ସର୍ବଭାରତୀୟ ସେବାର ଉଚ୍ଚ ପାହ୍ୟାରେ ଥିବା ଜଣେ ବରିଷ୍ଠ ଅଧିକାରୀଙ୍କ ଏଭଳି ଆଚରଣ ସିଧାସଳଖ ସର୍ବଭାରତୀୟ ସେବାର କଣ୍ଡକ୍ଟ ରୁଲସ୍ -୧୯୬୮ର ରୁଲ-୩ର ଉଲ୍ଲଘଂନ କରୁଛି । ତେଣୁ ଏହି ଉଭୟ ଅଫିସରଙ୍କ ଅଡୁଆ ବଢ଼ିଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ବି ଉଭୟ ଅଫିସରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା କାହିଁକି ବିଳମ୍ବ ହେଉଛି ବୋଲି 'ଓଡ଼ିଶା ରିପୋର୍ଟର'ରେ ଏକାଧିକଥର ଖବର ପ୍ରକାଶିତ କରିଥିଲା । ଏପରିକି ୨ମାସ ପରେ ବି କାହିଁକି ଚାର୍ଜସିଟ୍ ଜାରି କରାଗଲାନି ବୋଲି ଦର୍ଶାଇ ଖବର ପ୍ରକାଶ କରିବା ପରେ ରାଜ୍ୟ ସରକାର ଆକ୍ସନ୍ ମୋଡକୁ ଆସିଥିଲେ । ଶ୍ରୀ କୁଟେ ଓ ଶ୍ରୀ ସିଂ ଏବେ ଗୃହ ବିଭାଗରେ ଓଏସଡି ଭାବେ ବିନା କାମରେ ଦରମା ନେଉଛନ୍ତି । ଧାର୍ଯ୍ୟ ୩୦ଦିନ ମଧ୍ୟରେ ଉଭୟ ଅଫିସର ଯଦି ଚାର୍ଜସିଟ୍ ଉପରେ ଜବାବ ଦାଖଲ ନକରିବେ ସରକାର ଏକପାଖିଆ ନିଷ୍ପତ୍ତି ନେବେ ବୋଲି ନୋଟିସରେ ଉଲ୍ଲେଖ ରହିଛି । ନିର୍ବାଚନ କାର୍ଯ୍ୟରେ ହସ୍ତକ୍ଷେପ ଯୋଗୁ ଉଭୟ ଅଫିସରଙ୍କୁ ନିର୍ବାଚନ କମିଶନଙ୍କ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

### ରତ୍ନଭଣ୍ଡାରରୁ ସ୍ଥାନାନ୍ତରିତ ...

ସିନ୍ଦୁକ ବାହାର କରାଗଲା । ସିନ୍ଦୁକ ବାହାର କରାଗଲା ପରେ ପୁଣି କବାଟ ମରାମତି ହୋଇଥିଲା । ସମସ୍ତ ସିନ୍ଦୁକ ଓ ଆଲମିରାକୁ ନିର୍ଦ୍ଧାରିତ କୋଠରୀରେ ରଖାଯାଇଛି । ଭିତର ଏବଂ ବାହାର ରତ୍ନଭଣ୍ଡାର ଏବେ ସଂପୂର୍ଣ୍ଣ ଖାଲି ହୋଇଯାଇଛି । ଏହା ପରେ ଏଏସ୍ଆଇକୁ ଚିଠି ଲେଖାଯିବ । ଇଙ୍ଓ ଆବଶ୍ୟକ ସ୍କାନିଂ କରି କିଛି ଜିନିଷ ଥିଲେ ସନ୍ଧାନ କରିବେ । ଆବଶ୍ୟକ ସ୍କାନିଂ ପରେ ଇଙ୍ଓ ମରାମତି କାର୍ଯ୍ୟ କରିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ କହିଛନ୍ତି । ସୂଚନାଯୋଗ୍ୟ, ଶ୍ରୀମନ୍ଦିର ରତ୍ନଭଣ୍ଡାରରୁ ନୀଳାଦ୍ରି ମ୍ୟୁଜିୟମ ନିକଟ ରୁମକୁ ଖାଲି ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତର ହୋଇଛି ।

### କୁବେର ଢେଙ୍କାନାଳ...

ଭିଜିଲାନ୍ସ । ପାର୍କଠୁ ବଡ଼ ଏହି ଫାର୍ମ ହାଉସକୁ ଅତି ସୁନ୍ଦର ଭାବେ ସଜାଯାଇଥିଲା । ଫାର୍ମ ହାଉସରେ ଥିଲେ ମୟୂର, ଠେକୁଆ, ଶୁଆ ଓ ବତକ ଭଳି ଅନେକ ଜୀବଜନ୍ତୁ । ଭିଜିଲାନ୍ସ ଫାର୍ମ ହାଉସ୍‌ରୁ ୪ଟି ମୟୂର ଉଦ୍ଧାର କରିବା ସହ ବନ୍ୟପ୍ରାଣୀ ଦଫାରେ ମାମଲା ରୁଜୁ କରିଛି । ଏଥିସହ ରେଞ୍ଜର ବାବୁଙ୍କ ଢେଙ୍କାନାଳ ସ୍ଥିତ ଘରେ ଥିବା ଟଏଲେଟ୍ ଫ୍ଲସରୁ ୨ ବିଡ଼ା ଟଙ୍କା ଜବତ କରିଥିଲେ ଭିଜିଲାନ୍ସ ଅଧିକାରୀ । ରେଞ୍ଜର ବାବୁଙ୍କ ଅଚଳାଚଳ ସମ୍ପତ୍ତି ଠାବ ହେବା ପରେ ତାଙ୍କୁ ଅଟକ ରଖାଯାଇ ପଚରାଉଚରା କରିଥିଲା ଭିଜିଲାନ୍ସ । ହେଲେ ରେଞ୍ଜର ବାବୁ ଠୁଳ କରିଥିବା ସମ୍ପତ୍ତି ସଂପର୍କରେ ସନ୍ତୋଷ ଜନକ ଉତ୍ତର ଦେଇ ପାରିନଥିଲେ । ଆଜି ଭିଜିଲାନ୍ସ ତାଙ୍କୁ ଗିରଫ କରିଥିବା ସୂଚନା ରହିଛି ।

### 'ସୁଭଦ୍ରା' ଗାଇଡଲାଇନକୁ...

୨୦୨୮-୨୯ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ପାଇଁ ମୋଟ ୫୫୮୨୫ କୋଟିର ବଜେଟ୍ ଧାର୍ଯ୍ୟ ହୋଇଛି । ଏହି ଯୋଜନାରେ ରାଜ୍ୟର ୧କୋଟିରୁ ଅଧିକ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆସିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ, ତାଙ୍କ ସରକାର ଅନ୍ତ୍ୟୋଦୟରେ ବିଶ୍ୱାସ କରନ୍ତି । ତେଣୁ ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା, ସରକାରୀ ଚାକିରି କରୁଥିବା ମହିଳା ଓ ଆୟକର ପ୍ରଦାନ କରୁଥିବା ମହିଳମାନଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯିବ । ସେହିପରି କୌଣସି ଯୋଜନାରେ ଯଦି କେହି ମହିଳା ମାସିକ ୧୫୦୦ଟଙ୍କା ଅବା ତଦୁର୍ଦ୍ଧ୍ୱ ସହାୟତା ଅବା ବାର୍ଷିକ ୧୮ହଜାର ଟଙ୍କାରୁ ଅଧିକ ସହାୟତା ରାଶି ପାଉଥିବେ ତା'ହେଲେ ସେ ସୁଭଦ୍ରା ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେବେନାହିଁ । ପ୍ରତ୍ୟେକ ହିତାଧିକାରୀଙ୍କୁ ରାକ୍ଷୀ ପୂର୍ଣ୍ଣିମା ଓ ଆନ୍ତର୍ଜାତିକ ମହିଳା ଦିବସରେ ୫ହଜାର ଟଙ୍କା ଲେଖାଏଁ ବାର୍ଷିକ ୧୦ହଜାର ଟଙ୍କା ପ୍ରଦାନ କରାଯିବ । ତେଣୁ ୫ବର୍ଷରେ ଜଣେ ଯୋଗ୍ୟ ମହିଳା ହିତାଧିକାରୀ ମୋଟ ୫୦ହଜାର ଟଙ୍କା ପାଇବେ । ସହାୟତା ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ ଆଧାର ପେମେଂଟ ବ୍ରିଜ୍ ସିଷ୍ଟମ(ଏପିବିଏସ) ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କ ଡିବିଟି ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ । ଏହାସହିତ ହିତାଧିକାରୀମାନଙ୍କୁ 'ସୁଭଦ୍ରା' ଡେବିଟ୍ କାର୍ଡ ମଧ୍ୟ ପ୍ରଦାନ କରାଯିବ । ସେହିପରି ଡିଜିଟାଲ କାରାବାରକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ପଂଚାୟତ ଓ ସହରାଂଚଳରେ ସର୍ବାଧିକ ପରିମାଣର ଡିଜିଟାଲ କାରବାର କରିଥିବା ୧୦୦ଜଣ ହିତାଧିକାରୀଙ୍କୁ ଚିହ୍ନଟ କରି ଅତିରିକ୍ତ ୫୦୦ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ । ଏହି ଯୋଜନାରେ ସାମିଲ ହେବା ପାଇଁ ମହିଳମାନେ ଅଙ୍ଗନବାଡ଼ି କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଆଦିରେ ମାଗଣାରେ ଉପଲବ୍ଧ ଫର୍ମ ପୂରଣ କରି ଆବେଦନ କରିପାରିବେ । ସୁଭଦ୍ରା ଯୋଜନା ପାଇଁ ଏକ କଲ୍ ସେଂଟର ମଧ୍ୟ କାର୍ଯ୍ୟକ୍ଷମ ହେବ । ଏହି ଯୋଜନାକୁ କାର୍ଯ୍ୟକାରୀ ଓ ତଦାରଖ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଏକ 'ସୁଭଦ୍ରା ସୋସାଇଟି' ଗଠନ କରାଯିବ । ସୁଭଦ୍ରା ଯୋଜନାର ଶୁଭାରମ୍ଭ ଯଥାଶୀଘ୍ର କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ସରକାରଙ୍କ ଦ୍ୱାରା ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ରାଜ୍ୟ କ୍ୟାବିନେଟର ଏହା ଦୂରଦୃଷ୍ଟି ସମ୍ପନ୍ନ ଓ ସୁଦୂରପ୍ରସାରୀ ନିଷ୍ପତ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ସୂଚନାଯୋଗ୍ୟ, ବିଜେପି ନିଜର ନିର୍ବାଚନୀ ଇସ୍ତାହାରରେ ରାଜ୍ୟରେ କ୍ଷମତାକୁ ଆସିଲେ ମହିଳାଙ୍କୁ ୨ବର୍ଷରେ ୫୦ହଜାର ଟଙ୍କା ଖର୍ଚ୍ଚ କରିବାର ଭାଉଚର ଯୋଗାଇ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା ।

### ନେପାଳରେ ନଦୀକୁ ...

ଆରମ୍ଭ କରିଛନ୍ତି । ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ସନ୍ଦେହ କରାଯାଉଛି । ୪୫ ଜଣିଆ ଏକ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିବା ସୂଚନା ମିଳିଛି । ଏହି ବସ୍‌ଟି ଉତ୍ତରପ୍ରଦେଶର ଗୋରଖପୁରର ବୋଲି ଜଣାପଡ଼ିଛି । ତେବେ ବସ୍‌ରେ ଥିବା ଯାତ୍ରୀମାନେ ସବୁ କେଉଁ କେଉଁ ଜିଲ୍ଲାର ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ ।

### ୱାକଫ ବିଲ ବିବାଦ...

ଏକମତ ହୋଇପାରିନି । ନୀତୀଶ ସରକାରରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ମହମ୍ମଦ ଜାମା ଖାନ ନିକଟରେ ମୁଖ୍ୟମନ୍ତ୍ରୀଙ୍କୁ ଏ ପ୍ରସଙ୍ଗରେ ଭେଟିଥିଲେ । ବିଲ୍‌ରେ ଥିବା କେତେକ ବ୍ୟବସ୍ଥାରେ ସେ ପରିବର୍ତ୍ତନ ପାଇଁ ମତ ରଖିଥିଲେ । କେବଳ ଖାନ ନୁହନ୍ତ, ମନ୍ତ୍ରୀ ବିଜୟ କୁମାର ଚୌଧୁରୀ ମଧ୍ୟ ବିଲକୁ ନେଇ ମୁସଲିମ ସଂପ୍ରଦାୟର ଲୋକମାନେ କରୁଥିବା ଆଶଙ୍କା ସମ୍ପର୍କରେ ଚିନ୍ତା ପ୍ରକଟ କରିଥିଲେ । ଶ୍ରୀ ଚୌଧୁରୀ ହେଉଛନ୍ତି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଘନିଷ୍ଠ ସହଯୋଗୀ । ବିଧାୟକ ଗୁଲାମ ମଧ୍ୟ ବିଲକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି । ବିଲ୍‌ରେ ଜେଡିୟୁ ଯେଉଁ ସବୁ ପରିବର୍ତ୍ତନ କରିବାକୁ ଚାହୁଁଛି ସେନେଇ ଦଳର କାର୍ଯ୍ୟକାରୀ ସଭାପତି ସଞ୍ଜୟ ଝା ଓ ମନ୍ତ୍ରୀ ଖାନ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରଜିଜୁଙ୍କୁ ଭେଟିଥିଲେ । ୱାକଫ ବିଲ୍‌ରେ ସରକାର ୪୪ଟି ପରିବର୍ତ୍ତନ କରିଛନ୍ତି । ଏଥିରେ ୱାକଫ ବୋର୍ଡରେ ମୁସଲିମ ମହିଳା ଓ ଅଣ ମୁସଲିମ ସଦସ୍ୟ ବାଧ୍ୟମୂଳକ ବ୍ୟବସ୍ଥା ରହିଛି । କେନ୍ଦ୍ର ଓ ରାଜ୍ୟ ୱାକଫ ବୋର୍ଡରେ ସ୍ୱଚ୍ଛତା ଆଣିବା ସରକାର ୱାକଫ ସଂଶୋଧିତ ବିଲ ଆଣିଥିବା ଦାବି କରିଛନ୍ତି । ୧୯୯୫ ଓ ୨୦୨୩ର ୱାକଫ୍ ନିୟମରେ ସଂଶୋଧନ କରିବା ପାଇଁ ବିଲରେ ବ୍ୟବସ୍ଥା ହୋଇଛି ।

ଶନିବାର, ୨୪ ଅଗଷ୍ଟ , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନିରକ୍ଷରତା ଦୂରୀକରଣ ନିମନ୍ତେ ପୁସ୍ତକ ବଣ୍ଟନ

ବେତନଟୀ, ୨୩/୮ (ନି.ପ୍ର): ମାଆ ଅମ୍ବିକା ମହିଳା ମହାମଣ୍ଡଳ ଫେଡେରେସନ୍ ତରଫରୁ ଜିଲ୍ଲା ୬୦୦୦ ସେଚ୍ଛା ସେବୀ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ୧,୬୬,୭୩୭ ନିରକ୍ଷରତା ତାଲିକା ମାନନୀୟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଠାରେ ଦାଖଲ କରାଯାଇ ଜିଲ୍ଲା ନିରକ୍ଷର ଦୂର କରିବା ନିମନ୍ତେ ପ୍ରୟାସ ଜାରି ରଖିଛି । ବାରିପଦା ବ୍ଲକରେ ୨୦୦ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଉଲ୍ଲାସ ପୁସ୍ତକ ବଣ୍ଟନ କରାଯାଇଥିବା ବେଳେ ତା-୧୮/୮/୨୦୨୪ ରିଖ ମାନନୀୟ ଏଡିଶନାଲ୍ ଡାଇରେକ୍ଟୋର ଭୁବନେଶ୍ୱର ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ନାୟକ, ଏଡିଇଓ ମୟୂରଭଞ୍ଜ ପବିତ୍ର ମହୋନ ବାରିକ, ଏଡିଇଓ ମୟୂରଭଞ୍ଜ ଶିଶିରଧର ସିଂ,ଡିଏସ୍ଏସ୍ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ବିଇଓ ନଳିନୀକାନ୍ତ ପ୍ରଧାନ, ଇଜଉଉଙଗଇଇରଙ ତପସ୍ୱିନୀ ଦାସ,ମାଆ ଅମ୍ବିକା ଫେଡେରେସନ୍ ର ପ୍ରତିଷ୍ଠାତ୍ରୀ ସମ୍ପାଦିକା ସାବିତ୍ରୀ ରାଉତ, ସଭାପତି ସ୍ୱର୍ଣ୍ଣଲତା ମହାନ୍ତି ଏବଂ ଫେଡେରେସନ କର୍ମକର୍ତ୍ତା ଜ୍ୟୋତିର୍ମୟୀ ପରିଡ଼ା, ଗୋଲାପି ମହାନ୍ତ , ସନ୍ଧ୍ୟାରାଣୀ ମହାନ୍ତ, ଝୁନାରାଣୀ ଦାସ, ବର୍ଷା ଭାରତୀ, ସୁକଦେବ ଦତ୍ତ, ତପନ ସାର,କମଳା ମହାନ୍ତ, ସରସ୍ୱତୀ ପଣ୍ଡା, ଶାନ୍ତିଲତା ଜେନା, ସୁକାନ୍ତି ବେହେରା, ସୋନାଲି ରାଉତ,ମଲ୍ଲୀ ମଣି ନାଏକ,ଜିନା ମଲ୍ଲିକ, ପ୍ରତିମା ସାହୁ ଏବଂ ବାରିପଦା ବ୍ଲକ ଭାଗବତଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର କୋଲଥବଣି ଗ୍ରାମରେ କାର୍ଯ୍ୟରତ ଥିବା ସମସ୍ତ ସ୍ୱେଚ୍ଛାସେବୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପସ୍ଥିତରେ କୋଲଥବଣି ଗ୍ରାମରେ ଘଓଖଚର 'ମାଆ ଅମ୍ବିକା ସାକ୍ଷରତା କେନ୍ଦ୍ର'କୁ ମାନନୀୟ ଇୟୟସଞ୍ଚସକ୍ଟଭବକ୍ଷ ଉସକ୍ୱରମଞ୍ଚକ୍ଟକ୍ୱ ରକ୍ଷସଙ୍କରଭଞ୍ଚବକ୍ୱଛ ରୟଙ୍କମବଞ୍ଚସକ୍ଟଭ ଙ୍କ ଦ୍ୱାରା ଶୁଭ ଉଦଘାଟନ କରାଯାଇ ଆଗକୁ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ନିମନ୍ତେ ଫେଡେରେସନର ସମ୍ପାଦିକାଙ୍କୁ ଦାୟିତ୍ୱ ଦେଇଥିଲେ ଏବଂ ପରେ କ୍ଷେତ୍ରମୋହନ ମହାନ୍ତ ଧନ୍ୟବାଦ ଅର୍ପଣ କରି ଏହି କାର୍ଯ୍ୟକ୍ରମକୁ ସାଂଗ କରିଥିଲେ ।



# ଉଚ୍ଚତମ ନ୍ୟାୟାଳୟର ହସ୍ତକ୍ଷେପ ପରେ କୋଡିଏ ବର୍ଷର ସଂଘର୍ଷର ଅବସାନ: ଶିକ୍ଷକଙ୍କୁ ମିଳିଲା ନ୍ୟାୟ

ନୀଳଗିରି, ୨୧/୮ (ନି.ପ୍ର): ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତରେ ଥିବା, ଉଦୟ ନାରାୟଣ ବିଦ୍ୟାପୀଠରେ ୧୩ବର୍ଷ ଧରି ହିନ୍ଦୀ ଶିକ୍ଷକ ରମେଶ ଚନ୍ଦ୍ର ପରିଡ଼ା ପିଲା ମାନଙ୍କୁ ଶିକ୍ଷା ଦାନ କରି ଆସୁଥିବା ବେଳେ, ତତ୍କାଳୀନ ସ୍କୁଲର ପ୍ରଧାନ ଶିକ୍ଷକ ବିନା କାରଣରେ ସ୍କୁଲରେ ଶିକ୍ଷା ଦାନ ନକରିବାକୁ କହିବା ଓ ସ୍କୁଲକୁ ଆସିବାକୁ ମନା କରିଥିଲେ । ଏହାକୁ ବିରୋଧ କରି ହିନ୍ଦୀ ଶିକ୍ଷକ ରମେଶ ଚନ୍ଦ୍ର ପରିଡ଼ା, ମାନ୍ୟବର ଉଚ୍ଚ ନିୟାଳୟ ପରେ ଉଚ୍ଚତମ ନିୟାଳୟର ଆଶ୍ରୟ ନେଇଥିଲେ । ଉଚ୍ଚତମ ନୀୟାଳୟ ଦୀର୍ଘ ୨୦ବର୍ଷ ପରେ, ଉକ୍ତ ବିଦ୍ୟାପୀଠର ଶ୍ରୀ ପରିଡାଙ୍କୁ ପୁନଃ ନିଯୁକ୍ତି ଦେବାକୁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଶିକ୍ଷା ବିଭାଗ ର ନିର୍ଦ୍ଦେଶକୁ ବର୍ତ୍ତମାନର ପ୍ରଧାନ



ଶିକ୍ଷକ ପୁନଃ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ, ପ୍ରଧାନ ଶିକ୍ଷକ ଏହି ନିର୍ଦ୍ଦେଶକୁ ବେଖାତିର କରି ସ୍କୁଲରେ ଶ୍ରୀ ପରିଡାଙ୍କୁ ଯୋଗଦାନ କରିବାକୁ ଦେଇନଥିଲେ । ଶ୍ରୀ ପରିଡ଼ା ପୁଣି ମାନ୍ୟବର ଉଚ୍ଚତମ ନ୍ୟାୟାଳୟରେ ଅଦାଲତ ଅବମାନନା ଅଭିଯୋଗ ଆଣିଥିଲେ । ଏହାର ବିଚାର କରି ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ବାଲେଶ୍ୱର ଜିଲ୍ଲାପାଳଙ୍କୁ ବିଧିବଦ୍ଧ ଭାବେ ଉକ୍ତ ସ୍କୁଲରେ ସମସ୍ତ ସୁରକ୍ଷା ସହିତ ଯୋଗଦାନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶ ମୂଳେ ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ଶିକ୍ଷାଧିକାରୀ ପୋଲିସ ପ୍ରଶାସନ ସହାୟତାରେ ଶିକ୍ଷକ ଶ୍ରୀ ପରିଡାଙ୍କୁ ନେଇ ଉକ୍ତ ସ୍କୁଲରେ ଯୋଗଦାନ କରାଇଥିବା ଜଣାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ବିଳମ୍ୱ ହେଲେବି ସତ୍ୟର ଜୟ ସୁନିଶ୍ଚିତ । ଏଭଳି ଏକ ବିରଳ ଘଟଣାକୁ ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍ ମହଲରେ ସ୍ୱାଗତ କରାଯାଇଛି । ପୂର୍ବତନ ପ୍ରଧାନ ଶିକ୍ଷକ ସୁରେଶ ଦାସଙ୍କ ପାଇଁ ଶ୍ରୀ ପରିଡ଼ାଙ୍କ କ୍ଷେତ୍ରରେ ଏପରି ଅଚଳାବସ୍ଥା ଦେଖାଦେଇଥିବାରୁ, ଜନସାଧାରଣ ଶ୍ରୀ ଦାସଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ।

## ନକଲି ନକ୍ସଲ ଗିରଫ

ମାଲକାନଗିରି , ୨୩/୮ (ନି.ପ୍ର): ମାଲକାନଗିରି ପୁଲିସ ଜଣେ ନକଲି ନକ୍ସଲକୁ ଗିରଫ କରିଛି । ତା' ନାଁ ସନ୍ତୋଷ କୁମାର ମହାନ୍ତି ଓରଫ ପିଣ୍ଟୁ । ତା' ଘର ଖୋର୍ଦ୍ଧା ଥାନା ଅନ୍ତର୍ଗତ ରଘୁନାଥପୁର ଗାଁରେ । ସେ ନିଜକୁ ନକ୍ସଲ କମାଣ୍ଡର ଆର. ରାଜେଶ୍ୱର ଟାରାଲ ପରିଚୟ ଦେଇ ଜିଲ୍ଲାର ବହୁ ଦୋକାନୀଙ୍କୁ ଫୋନ୍ କରି ଧମକ ଦେଇ ଟଙ୍କା ମାଗୁଥିଲା । ଟଙ୍କା ନ ଦେଲେ ହତ୍ୟା କରି ଦେବ ବୋଲି ସେ ଧମକାଉଥିବା ଅଭିଯୋଗ ହୋଇଛି । ଅଗଷ୍ଟ ୯ ତାରିଖରେ କୋରକୋଣ୍ଡା ବ୍ଲକର ଏମଭି-୧୦୦ ଗ୍ରାମର ଅନୀଲ ବରକନ୍ଦଜଙ୍କ ନିକଟକୁ ଏକ କଲ୍ ଆସିଥିଲା । ନିଜକୁ ନକ୍ସଲ କମାଣ୍ଡର ଆର.ରାଜେଶ୍ୱର ଟାରାଲ ବୋଲି ପରିଚୟ ଦେଇ ସନ୍ତୋଷ ତାଙ୍କୁ ୨ ହଜାର ଟଙ୍କା ମାଗିଥିଲା । ଗତ ଏପ୍ରିଲ ୪ ତାରିଖରେ ମଧ୍ୟ ଆଉ ଏକ ନମ୍ବରରୁ ହ୍ୱାଟସ୍ଆପ୍ ଜରିଆରେ ସେ ୫ ହଜାର ଟଙ୍କା ମାଗିଥିଲା । ଏନେଇ ମାଲକାନଗିରି ସଦର ଥାନାରେ ଏତଲା ଦିଆଯିବା ପରେ ପୁଲିସ ତଦନ୍ତ କରି ସନ୍ତୋଷକୁ ଗିରଫ କରିଛି ।

# ଗଞ୍ଜାମର ଚିକିଟିଠାରେ ମଦଜନିତ ଅପମୃତ୍ୟୁ ମାମଲାରେ ସରକାରଙ୍କ ନୀତିକୁ 'ମନା'ର ସ୍ୱାଗତ

ବାଲେଶ୍ୱର, ୨୩/୮ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମନା), ବାଲେଶ୍ୱରର ଏକ ସ୍ୱତନ୍ତ୍ର ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମର ଚିକିଟିଠାରେ ହୋଇଥିବା ବିଷାକ୍ତ ମଦ୍ୟପାନ ଜନିତ ବ୍ୟକ୍ତିଙ୍କ ମୃତ୍ୟୁରେ 'ମନା' ଶୋକ ପ୍ରକାଶ କରିବା ସହିତ ଚିକିତ୍ସିତ ହେଉଥିବା ସମସ୍ତ ପୀଡ଼ିତଙ୍କର ଆଶୁ ଆରୋଗ୍ୟ କାମନା କରିଅଛି । ବୈଠକର ପ୍ରାରମ୍ଭରେ ସାଧାରଣ ସମ୍ପାଦିକା




ମମତା ମହାପାତ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଉପରେ ସୂଚନା ପ୍ରଦାନ କରିଥିଲେ ଏବଂ ଉପଦେଷ୍ଟା ସୁବ୍ରତ କର ସରକାରଙ୍କ ପଦକ୍ଷେପକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ସରକାରଙ୍କ ଦ୍ୱାରା ନିଆଯାଇଥିବା ତୁରନ୍ତ କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିଥିଲେ । ଉକ୍ତ ବୈଠକରେ ଉପସଭାପତି ଡକ୍ଟର କ୍ଷିତୀଶ୍ୱର ଦାଶ, ଅର୍ଚ୍ଚନା ନନ୍ଦୀ, ପ୍ରଫୁଲ୍ଲ କୁମାର ଦାସ, ବେଣୁଧର ସାହୁ, ସୀତାରାମ ପ୍ରଧାନ, ତପନ କୁମାର ସି, ସନାତନ ଦାସ, ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ସରକାର ନେଇଥିବା ନିଷ୍ପତ୍ତିକୁ ସମର୍ଥନ କରିଥିଲେ । ଶେଷରେ ଭାରତୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

# ନୀଳମଣି କଲେଜରେ ଜାତୀୟ ମହାକାଶ ଦିବସ ପାଳିତ

ବସ୍ତା , ୨୩/୮ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ନୀଳମଣି ମହାବିଦ୍ୟାଳୟର ବିଜ୍ଞାନ ପରିଷଦ ଆନୁକୁଲ୍ୟରେ ପ୍ରଥମ ଜାତୀୟ ମହାକାଶ ଦିବସ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ତପନ କୁମାର ବେହେରା ଅଧକ୍ଷତା କରିବା ସହ ମହାକାଶ ଗବେଷଣାର ସଫଳତା ସ୍ୱରୂପ ଚନ୍ଦ୍ରାୟଣ-୩ ଯାନର ଚନ୍ଦ୍ରପୃଷ୍ଠରେ ସଫଳ ଅବତରଣ ସମ୍ପର୍କରେ ଆଲୋଚନା କରିଥିଲେ । ବିଜ୍ଞାନ ପରିଷଦର ସଭାପତି ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାଧ୍ୟାପକ ସରୋଜ କୁମାର ପାଣି, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ




ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଡଃ ଶାନ୍ତନୁ କୁମାର ଜେନା, ଅଧ୍ୟାପକ ଜୟକୃଷ୍ଣ ସାହୁ ଓ ବିଜ୍ଞାନ ପରିଷଦର ଉପସଭାପତି ବାସନ୍ତୀ ସାହୁ ପ୍ରମୁଖ ଯୋଗଦେଇ ଜାତୀୟ ମହାକାଶ ଦିବସ ପାଳନର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ । ମହାକାଶ ଗବେଷଣା ଶିକ୍ଷା, କୃଷି, ଚିକିତ୍ସା, ବିଜ୍ଞାନ ସର୍ବୋପରି ଜନସାଧାରଣଙ୍କ ଉପକାରରେ ଆସିପାରୁଛି ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ଛାତ୍ର ଅଶୋକ ମଢୁଆଲ ଓ ଓମବ୍ରତ ପାତ୍ର ଏହି କାର୍ଯ୍ୟକ୍ରମରେ ସ୍ୱରଚିତ ନିବନ୍ଧ ପାଠ କରିଥିଲେ । ଅଧ୍ୟାପକ ସତ୍ୟେନ୍ଦ୍ର କୁମାର ପାଲ, ଶ୍ରବଣ ନାୟକ, ଅଧ୍ୟାପିକା ରୋଜାଲିନ ସ୍ୱାଇଁ, ଶ୍ରୀଧର ମହାପାତ୍ର, ଜୟନ୍ତ ମଲ୍ଲିକ, ନିରଞ୍ଜନ ମହାଳିକ ଓ ବିକାଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ବିଜ୍ଞାନ ପରିଷଦର ଉପସଭାପତି ବାସନ୍ତୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ବିଲରେ କାର୍ଯ୍ୟରତ ଆଦିବାସୀ ମହିଳା ଶ୍ରମିକ ବଜ୍ରାଘାତରେ ଗୁରୁତର : ବାଲେଶ୍ୱରରେ ଚିକିତ୍ସିତ

ଜଳେଶ୍ୱର , ୨୩/୮ (ନି.ପ୍ର): ଏବେ ଜମିରେ ରୁଆପୋତା ଚାଲିଥିବାରୁ ଗତ ଗୁରୁବାର ଅପରାହ୍ନରେ ଗୋପିମୋହନପୁର ପଂଚାୟତର ବାସୁଲିଆ ଆଦିବାସୀ ସାହିର ମହିଳାମାନେ ନିକଟସ୍ଥରେ ତଳି ରୋଉଥିଲେ । ହଠାତ୍ ବର୍ଷା ସହିତ ବଜ୍ରାପାତ ଆରମ୍ଭ ହେବାରୁ ସେମାନେ ଘରକୁ ଫେରିବାକୁ ଉଦ୍ୟତ ହେଉଥିବା ବେଳେ ବଜ୍ରାଘାତର ସମ୍ମୁଖୀନ ହୋଇଥିଲେ । ସୁନିଲ ହେମ୍ବ୍ରମଙ୍କ ସ୍ତ୍ରୀ ସୋମବାରୀ ହେମ୍ବ୍ରମ (୩୬) ଗୁରୁତର ହୋଇଥିଲେ । ତାଙ୍କୁ ପ୍ରଥମେ ଜିକେଭଟ୍ଟର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲେ ହେଁ ଗୁରୁତର ହେବାରୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା ।

# ବେକରେ ଫାଶୀ ଓ ଗୋଡ଼ ଭେନ କାଟି ଯୁବକଙ୍କ ଆତ୍ମହତ୍ୟା

ବାଲିଆପାଳ/ଲଙ୍ଗଳେଶ୍ୱର, ୨୩/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଜମ୍ବୀରାଇ ପଂଚାୟତର ଜଣେ ୨୧ବର୍ଷର ଯୁବକ ଗୁରୁବାର ରାତିରେ ବେକରେ ଫାଶୀ ଲଗାଇବା ସହିତ ଗୋଡ଼ର ଭେନ କାଟି ଆତ୍ମହତ୍ୟା କରିଛି । ଆତ୍ମହତ୍ୟା କରିଥିବା ଯୁବକ ଜଣକ ହେଲେ କୁଚୁଲାଘାଟି ଗ୍ରାମର ପ୍ରଫୁଲ୍ଲ ଦାସ ଙ୍କ ପୁତ୍ର ରଞ୍ଜନ ଦାସ । ରଞ୍ଜନ ଗୁରୁବାର ରାତିରେ ନିଜ ଘରଠାରୁ ଅଳ୍ପ ଦୂରରେ ଥିବା ବଣ ଭିତରେ ଏକ ଗଦାମ୍ବ ଗଛରେ ଗାମୁଛାରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି ବୋଲି ରଞ୍ଜନ ର ଭାଇ ଦୀପକ ଦାସ ବାଲିଆପାଳ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ଜାମକୁଣ୍ଡା ଫାଣ୍ଡି ଅଧିକାରୀ ସୂର୍ଯ୍ୟ ନାରାୟଣ ନାୟକ ଘଟଣା ସ୍ଥଳରେ ପହଞ୍ଚି ଶାବକୁ ଜବତ କରି ୪୧/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ତେବେ ରଞ୍ଜନ ଆତ୍ମହତ୍ୟା ପୂର୍ବରୁ ନିଜ ଗୋଡ଼ର ଭେନ କାଟି ଦେଇଥିବାରୁ ଗୋଡ଼ରୁ ରକ୍ତ ବହିଥିବାର ଦେଖାଯାଇଥିଲା । ତେବେ ଘଟଣସ୍ଥଳରେ ଗୋଟିଏ କଇଁଚି, ଗୋଟିଏ ଗଞ୍ଜେଇ ଟାଣ ଚିଲମ୍ , ଗୋଟିଏ ମେଚିଶ ଓ ଗୋଟିଏ ମନିପସ ପଡିଥିବାର ଦେଖିବାକୁ ମିଳିଥିବା ବେଳେ ମୃତ ଯୁବକ ଜଣକ ସବୁ ବେଳେ ନିଶାସକ୍ତ ରହୁଥିବା କଥା ସ୍ଥାନୀୟ ଲୋକେ ନିଜ ନିଜ ମଧ୍ୟ ରେ କୁହା କୁହି ହେଉଥିଲେ । ସେହିପରି ଦୁଇ ଭାଉଣି ଙ୍କ ମଧ୍ଯ ରେ କଳହ ଲାଗି ଜାମକୁଣ୍ଡା ପଞ୍ଚାୟତର ବଡ଼ତାଳପଦା ଗ୍ରାମର ସନ୍ତୋଷ ଦଳାଇଙ୍କ ଝିଅ ପିଙ୍କି ଦଳାଇ(୧୪) ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରୁଛନ୍ତି । ଘଟଣସ୍ଥଳରେ ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଶ୍ରୀ ନାୟକ ପହଞ୍ଚି ମୃତ ଦେହ ଜବତ କରି ବାଲିଆପାଳ ଥାନା କେସ ନମ୍ବର ୪୦/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି ।

## ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମହିଳା 'ମାତୀ'



ଉଦଳା, ୨୩/୮ (ନି.ପ୍ର): ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଘୁଂଟିବଣି ଗ୍ରାମର ବାସିନ୍ଦା ବିଧବା ମହିଳା ମାତୀ ହେମ୍ବ୍ରମ ସାମାଜିକ ସୁରକ୍ଷାରୁ ବଂଚିତ ଅଛନ୍ତି । ଖବର ନେବାରୁ ଜଣାଯାଇଛି ମାତୀଙ୍କର ସ୍ୱାମୀ ହାମ୍ବାଏ ହେମ୍ବ୍ରମଙ୍କର ଆଜକୁ ୧୦ ବର୍ଷ ପୁର୍ବେ ଦେହାନ୍ତ ହୋଇ ଯାଇଛି । ମାତୀଙ୍କୁ ବର୍ତ୍ତମାନ ବୟସ ୫୫ ବର୍ଷ ଛୁଇଁଲା । ସେ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ସାମାଜିକ ସୁରକ୍ଷା ଯୋଜନାରେ ବିଧବା ମହିଳା ମାନଙ୍କୁ ସରକାର ଯୋଗାଇ ଦେଉଥିବା ଭତାଟଙ୍କା ପାଇବା ପାଇଁ ମାତୀ ବାରମ୍ବାର ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବାର ଜଣାଇଛନ୍ତି । ବିଭାଗିୟ କର୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ରାଇକମା ଆଶ୍ରମ ବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ ପାଳିତ



ବେତନଟୀ ,୨୩।୮ ବେତନଟୀ ବ୍ଲକ ଅନ୍ତର୍ଗତ ରାଇକମା ଆଶ୍ରମ ବିଦ୍ୟାଳୟରେ ଆଜି ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି । ଗତବର୍ଷ ଆଜିର ଦିନରେ ଭାରତକୁ ମହାକାଶ ଗବେଷଣା ଓ ଚନ୍ଦ୍ର ଅଭିଯାନ କ୍ଷେତ୍ରରେ ଅପୂର୍ବ ସଫଳତା ମିଳିଥିଲା । ଭାରତର ବୈଜ୍ଞାନିକ ମାନଙ୍କ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ଚନ୍ଦ୍ରାୟନ -୩ ର ସଫଳ ଉତକ୍ଷେପଣ ଓ ଚନ୍ଦ୍ର ପୃଷ୍ଠର ଦକ୍ଷିଣ ମେରୁରେ ' ବିକ୍ରମ ' ଲେଣ୍ଡର ର ନିରାପଦ ଅବତରଣ ଏହି ଦିନ ହୋଇପାରିଥିଲା । ଏହି ସମସ୍ତ ଘଟଣା ଏକ ପ୍ରୋଜେକ୍ଟର ମାଧ୍ୟମରେ ବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା । ଏହା ସହିତ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ସହଯୋଗ କରିଥିଲେ ଶିକ୍ଷୟିତ୍ରୀ ରୂପା ମହାନ୍ତି , ସରସ୍ୱତୀ ଜେନା , ଦୀପାଞ୍ଜଳୀ ଦାସ , ପ୍ରତିମା ପରିଡ଼ା , ସୁବାସିନୀ ପରିଡ଼ା , ସୁକାନ୍ତି ବିଶ୍ୱାଳ , ନୀଳାକ୍ଷୀ ଦାସ, ଚିନ୍ମୟ କୁମାର ମହାନ୍ତ , ମ୍ୟାଟ୍ରନ ମାଳତୀ ମାଝୀ, ମଣ୍ଟୁ ମାର୍ଣ୍ଡି , ସୀତା ଟୁଡୁ , ଜୁଲୀ ହେମ୍ବ୍ରମ ପ୍ରମୁଖ ।

# ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଭଦ୍ରକରେ ଧାରଣା ଓ ଦାବିପତ୍ର ପ୍ରଦାନ

ଭଦ୍ରକ, ୨୩/୮ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଓଡ଼ିଶାକୁ ନିଶାମୁକ୍ତ କରିବା ଦାବୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨ ଘଣ୍ଟିଆ ଧାରଣା ଅନୁଷ୍ଠିତ ହୋଇଛି । ନିଶା ନିବାରଣ ଅଭିଯାନ ଭଦ୍ରକ ଜିଲ୍ଲା ସମ୍ପାଦକ ଆଡଭୋକେଟ ଗିରିଧାରୀ ନାଥ ଏବଂ ଉପସଭାପତି ଅଧ୍ୟାପକ ସଂଗ୍ରାମ ମହାନ୍ତିଙ୍କ ନେତୃତ୍ୱରେ ପ୍ରାୟ ଶତାଧୀକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଭଦ୍ରକ ଜିଲ୍ଲା ସମେତ ଓଡ଼ିଶାକୁ ନିଶାମୁକ୍ତ କରିବା ଦାବୀରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବି ମୁତାବକ ୧୯୫୬ ମସିହା ଅବକାରୀ ଆଇନକୁ କାର୍ଯ୍ୟକାରୀ କରିବା ସହ ନିର୍ବାଚନ ପ୍ରତିଶ୍ରୁତି ରକ୍ଷାକରି ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ଦାବିପତ୍ରରେ କୁହାଯାଇଛି । ଏହି ପ୍ରତିନିଧି ଦଳରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଭଦ୍ରକ ଜିଲ୍ଲା ସଭାପତି



ବରିଷ୍ଠ ଆଇଜୀବି ନିରାକାର ଜେନା, ଜିଲ୍ଲା ସମ୍ପାଦକ ଆଡ୍‌ଭୋକେଟ ଗିରିଧାରୀ ନାଥ, ଉପସଭାପତି ସଂଗ୍ରାମ ମହାନ୍ତି, ରାଜ୍ୟ ସଂଯୋଜକ ଖଗେଶ୍ୱର ବଳ, ରାଜ୍ୟନେତା ମଳୟ ରୟ୍ଜନ ସ୍ୱାଇଁ, ରାଜ୍ୟ ସମ୍ପାଦକ ତଥା ସର୍ବୋଦୟ ନେତା ରମାକାନ୍ତ ମଣ୍ଡଳ, ଧାମନଗର ବ୍ଲକ ସଭାପତି ସଚ୍ଚିକାନ୍ତ ପଣ୍ଡା, ତିହିଡ଼ି ବ୍ଲକ ନେତ୍ରୀ ସରସ୍ୱତୀ ସେନାପତି, ଚନ୍ଦ୍ର ଶେଖର ନାୟକ, ଭଦ୍ରକ ବ୍ଲକରୁ ଗୌରାଙ୍ଗ ଚନ୍ଦ୍ର ବାରିକ, ଗୋଲକ ଚନ୍ଦ୍ର ମଲ୍ଲିକ, ମିର ଅବ୍‌ଦୁଲ୍ ଦୟାନ୍ ମାନେ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୀତାଞ୍ଜଳୀ ରାଉତ, ସଙ୍ଗୀତା ମହାନ୍ତି, ନିରୁପମା ରାଉତ, ଭଗବାନ ସାହୁ, ସାର୍ଥକ ବିଶ୍ୱାଳ, ଚନ୍ଦ୍ରଗୁପ୍ତ ଲେଙ୍କା, ସ୍ନେହଲତା ପଣ୍ଡା, ଜଗନ୍ନାଥ ନାୟକ, ରାମଚନ୍ଦ୍ର ସାହୁ, ମୀନାକ୍ଷି ଜେନା ଓ ଅନ୍ୟମାନେ ଧାରଣାରେ ନେତୃତ୍ୱ ନେଇ ଚଳିତ ବର୍ଷ ୧୫% ମଦରୁ ଆୟ ଅଧିକ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ବଜେଟ୍ କରିଛନ୍ତି ତାହାକୁ ନିନ୍ଦା କରିଥିଲେ । ଗଞ୍ଜାମ ଜିଲ୍ଲାରେ ମଦମୃତ୍ୟୁ ଘଟଣାକୁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଘୋର ନିନ୍ଦା କରାଯାଇ ଦୋଷୀକୁ କଠୋର ଶାସ୍ତି ଦେବାପାଇଁ ଦାବି କରାଯାଇଥିଲା । ଓଡ଼ିଶାର ଉନ୍ନତି ପାଇଁ ଏବଂ ସମୃଦ୍ଧି ପାଇଁ ମଦକୁ ଆୟୁଧନ କରି ରାଜ୍ୟରେ ଥିବା ଖଣି, ଜଙ୍ଗଲ ଜମି ଓ ଜଙ୍ଗଲ ସମ୍ପଦକୁ ଉଚିତ୍ ମାର୍ଗରେ ବିନିଯୋଗ କଲେ ରାଜ୍ୟରେ ଆର୍ଥିକ ଅଭିବୃଦ୍ଧି ଘଟେ ନେତୃ ମଣ୍ଡଳୀ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ଆଗାମୀ ଦିନରେ ସରକାରୀ ଓଡ଼ିଶାରୁ ମଦ ନହଟେଇଲେ ରାଜ୍ୟବ୍ୟାପୀ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ଚେତାବନି ଦିଆଯାଇଥିଲା ।

# ଲଙ୍ଗଳେଶ୍ୱର ବୋଲଂ ରାସ୍ତା ଶୋଚନୀୟ

ବାଲିଆପାଳ , ୨୧/୮ (ନି.ପ୍ର): ମରାମତି ଅଭାବରୁ ଲଙ୍ଗଳେଶ୍ୱର ବୋଲଂ ପୂର୍ତ୍ତ ବିଭାଗ ରାସ୍ତା ଏବେ ଶୋଚନୀୟ ହୋଇ ପଡିଛି । ଫଳରେ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ସ୍ଥାନୀୟ ଲୋକ ବିଭାଗ କୁ ଜଣାଇ ଥିଲେ ବି କେହି କର୍ଣ୍ଣ ପାତ କରୁ ନାହାଁନ୍ତି । ମରାମତି ଅଭାବରୁ ରାସ୍ତା ଟି ଭାଙ୍ଗି ରୁଜ୍ଜି ଯିବା ସହିତ ଖାଲ ଖମାରେ ପରିଣତ ହୋଇଛି । ରାସ୍ତାରୁ ପିଚୁ ଉଠି ଯାଇ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ରାସ୍ତା ଅଗମ୍ୟ ଯୋଗୁଁ ଚାରି ଚକିଆ, ଦୁଇ ଚକିଆ ଯାନ ଯିବା ଆସିବା କରିବାକୁ ପ୍ରମାଦ ଗଣୁଛନ୍ତି । ଭାରି ଯାନ ଯିବା ଆସିବା ପ୍ରମାଦ ପୂର୍ଣ୍ଣ ହୋଇଛି । ଏହି ରାସ୍ତା ଉପରେ ବଣିଆଡିହା, କୁଣ୍ଡୁଳି, ବୋଲଂ, ସାଉଡି ସଦର ପାଞ୍ଚୟତର କଷାଫଳ ଆଦି ପଞ୍ଚାୟତର ଶହ ଶହ ଲୋକ ଯାତାୟାତ କରି ଥାନ୍ତି । ପୂର୍ତ୍ତ ବିଭାଗ ଏଥି ପ୍ରତି ଦୃଷ୍ଟି ଦେବାକୁ ହଳଧର ଜେନା, ଗଗନ ବିହାରୀ ଖଟୁଆ, ମୁକୁନ୍ଦ ମୋରାରି ଦାସ, ଘନ ଶ୍ୟାମ ଘଡ଼ାଇ, କରୁଣାକର ଗଙ୍ଗାଇ, ଶରତ କୁମାର ସାହୁ, ସାବିତ୍ରୀ ଦଳାଇ ପ୍ରମୁଖ ଦାବି କରିଛନ୍ତି ।



## ସଡ଼କ ଦୁର୍ଘଟଣାରେ ସଂଗ୍ରାମୀ ଅରୁଣ ଜେନା ଆହତ

ବାଲିଆପାଳ ବାଲିଆପାଳ/ଲଙ୍ଗଳେଶ୍ୱର, ୨୩/୮ (ନି.ପ୍ର): ଏକ ସଡ଼କ ଦୁର୍ଘଟଣାରେ ବାଲିଆପାଳ ର ସଂଗ୍ରାମୀ ନେତା ଅରୁଣ ଜେନା ଆହତ ହୋଇଛନ୍ତି । ଏବେ ସେ ଫକୀର ମୋହନ ମେଡିକାଲ ହସ୍ପିଟାଲ ରେ ରହି ଚିକିତ୍ସିତ ହେଉଛନ୍ତି । ତାଙ୍କର ହାତ, ଛାତି, ଗୋଡ଼ରେ ଶକ୍ତ ଆଘାତ ଲାଗିଛି । ପ୍ରକାଶ ମଙ୍ଗଳବାର ଶ୍ରୀ ଜେନା ତାଙ୍କ ବାଲେଶ୍ୱର ସ୍ଥିତ ଗୁଡପଦା ଘରୁ ବାଇକ ରେ ବାହାରିଥିଲେ । ବାଲିଆପାଳ ର ଏକ ଚାଷୀ ବୈଠକ ରେ ତାଙ୍କର ଯୋଗ ଦେବାର ଥିଲା । ୬୦ ନମ୍ବର ଜାତୀୟ ରାଜପଥ ର ପଞ୍ଚୁପଡା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଭାରି ଯାନ ତାଙ୍କ ବାଇକ କୁ ଆଘାତ ଦେବାରୁ ସେ ଗାଡ଼ିରୁ ରାସ୍ତା ଉପରକୁ ଛିଟିକି ପଡିଥିଲେ । ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ସଦର ହସ୍ପିଟାଲ କୁ ପଠାଇ ଥିଲେ । ଡାକ୍ତର ଙ୍କ ପରାମର୍ଶ କ୍ରମେ ଏବେ ସେ ପୂର୍ଣ୍ଣ ବିଶ୍ରାମ ରେ ରହିବେ ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo